## ସଂକ୍ଷେପରେ

### ନିଜ ବୁଥକୁ ଯାଇ ଭୋଟ ଦେବା ପାଇଁ ଜିଲାପାଳଙ୍କ ନିବେଦନ



ନୂଆପଡ଼ା,୧୯।୪(ମକାରୁ ବେମାଲ)

ନୂଆପଡା ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟ ମେ ୧୩ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ହେବ ସେ ନେଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ୨ଟି ନିର୍ବାଚନମଣ୍ଡଳୀର ସମସ୍ତ ଭୋଟର ଯେମିତି ଏହି ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜ ମତଧିକାର (ଭୋଟ) ଦେବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ସଚେତନ ମଧ୍ୟ କରାଯାଉଛି। ଏପରି ସ୍ଥଳେ ଶୁକ୍ରବାର ନୂଆପଡା ଜିଲାପାଳ ହେମକାନ୍ତ ସାଏ ସୋସିଆଲ ମିଡିଆ ମାଧ୍ୟମରେ ନୂଆପଡା ଭୋଟରଙ୍କୁ ଆସନ୍ତା ନିର୍ବାଚନରେ ସମସ୍ତେ ନିଜ ନିଜ ବୁଥକୁ ଯାଇ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଏହା ସହ ନିର୍ବାଚନର ପରବ ଆମର ଦେଶର ପରବ, ନୂଆପଡା ଚାଲ ଭୋଟ ଦେଇ ଯିମା ବୋଲି ସେ ଭୋଟରମାନଙ୍କୁ ବାର୍ତ୍ତା ଦେଇଛନ୍ତି।

# ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ଉପରେ ଗୁରୁତ୍ୱ

ଭବାନୀପାଟଣା,୧୯।୪(ଉତ୍ତମ କୁମାର ଦାଶ)



ପର୍ଯ୍ୟବେକ୍ଷକଙ୍କ ଗସ୍ତ ଓ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ସମୀକ୍ଷା ବୈଠକ।

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର କଳାହାଣ୍ଡି ଓ ନୂଆପଡ଼ା ଜିଲାର ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ କମିଟି କାର୍ଯ୍ୟ ସମୀକ୍ଷା କରାଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଲୋକ ସଭା ପାଇଁ ଭୈବଭ ସିଂ ଚୌହାନ, ଲାଞ୍ଜିଗଡ, ନର୍ଲା ଓ ଭବାନୀପାଟଣା ନିର୍ବାଚନମଣ୍ଡଳୀ ପାଇଁ କେ. ସୁରଜିତ, ଜୁନାଗଡ ଓ ଧର୍ମଗଡ ନିର୍ବାଚନମଣ୍ଡଳୀ ସହ ନୂଆପଡ଼ା, ଖଡ଼ିଆଳ ପାଇଁ ମନି ଶଙ୍କର ବରଦୋଲଇ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କମିଶନ ଦ୍ୱାରା ନିଯୁକ୍ତି ପାଇଛନ୍ତି। ବୈଠକରେ ୭ଟି ନିର୍ବାଚନମଣ୍ଡଳୀ ଓ ଗୋଟିଏ ଲୋକ ସଭା ଆସନ ପାଇଁ ୬ଜଣ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ଆୟକର ବିଭାଗ, ସିଜିଏସଟି ବିଭାଗ, ଅବକାରୀ ବିଭାଗ, ବନ ବିଭାଗ, ପରିବହନ ବିଭାଗ ଅଧିକାରୀଙ୍କ ସହ ଏସ୍‌ପି ଅଭିଲାଷ ଜି., ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦୱାନ, ତ୍ରିଲୋଚନ ପାତ୍ର, ଜିଲା ପରିଷଦ

**ପର୍ଯ୍ୟବେକ୍ଷକଙ୍କ ଗସ୍ତ, ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ସମୀକ୍ଷା**

ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ ଉପଜିଲାପାଳ ଧିମନ ଚକମା, ଭବାନୀପାଟଣା ଉପଜିଲାପାଳ ଡ଼. ବିଶ୍ୱଜିତ ଦାସ, ନିର୍ବାଚନ ସଂଯୁକ୍ତ ଅଧିକାରୀ, ଡିଆଇପିଆର୍‌ଓ ମନୋଜ ବେହେରା ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଚୌହାନ ଓ କେ. ସୁରଜିତ ବିଭିନ୍ନ ଟିମଭିଏସଟି, ଏସଏସଟି, ଭିଏସଟି, ଆକାଉଣ୍ଟ ଟିମ, ଫ୍ଲାଇଂ ସ୍କ୍ୱାଡ, ଏମସିଏମସି ଟିମର ନୋଡାଲ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଅଧିକାରୀ ନିଜ ଦାୟିତ୍ୱ ଠିକ ଭାବେ ନିର୍ବାହ ସହ ଯେକୌଣସି ଆଚରଣ ବିଧି ଉଲ୍ଲଂଘନ ଧରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ଖର୍ଚ୍ଚ ସମ୍ବନ୍ଧିତ କିମ୍ବା ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ବିଷୟ ଉପରେ ଭୈବଭ ସିଂ ଚୌହାନଙ୍କୁ ୭୦୦୮୩ ୮୦୦୮୩, କେ.ସୁରଜିତଙ୍କୁ ୬୩୭୦୪ ୪୯୬୪୫, ମନି ଶଙ୍କର ବର୍ଦୋଲଇଙ୍କୁ ୭୬୦୬୯୭୭୨୬୩ ନମ୍ବରରେ ଅଭିଯୋଗ କରିପାରିବେ।

# ବଦଳି ପରିବର୍ତ୍ତେ ପୁଣି ଥଇଥାନ

ଭବାନୀପାଟଣା,୧୯।୪(ଉତ୍ତମ କୁମାର ଦାଶ)

- ଭାରପ୍ରାପ୍ତ ଥିଲେ ଏବେ ସ୍ଥାୟୀ ହେଲେ
- କଳାହାଣ୍ଡି ଅବକାରୀ ବିଭାଗରେ ଅନେକ ପଦବୀ ଖାଲି

କଳାହାଣ୍ଡି ଜିଲାରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଉଥିବାବେଳେ ଏଥିପ୍ରତି ଅବାକାରୀ ବିଭାଗ ଦୃଷ୍ଟି ନ ଦେବା ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ସହର ତ ଛାଡ ଗାଁ ଗାଁ ରେ ଏବେ ମଦ କୋଠି ଖୋଲିଥିବାବେଳେ ମଦ ନିଶାରେ ଅନେକ ଲୋକ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ସେହିପରି ମଦ ଯୋଗୁ ଅନେକ ପରିବାର ଉଜୁଡିଯାଉଥିବା ଘଟଣା ସାମନାକୁ ଆସିଛି। ଏହାସହ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରିଣ୍ଟ ରେଟ୍‌ଠାରୁ ଅଧିକ ଦରରେ ଦୋକାନୀ ମଦ ବିକ୍ରି କରୁଥିଲେ ମଧ୍ୟ ବିଭାଗ ଜାଣିଶୁଣି ଚୁପ୍ ରହିଯାଉଛି। କେବଳ ବିଭାଗ କିଭଳି ଅଧୀକ ରାଜସ୍ୱ ଆଦାୟ ହେବ ସେ ନେଇ ଅଧିକ ଦୃଷ୍ଟି ଦେଉଥିବାବେଳେ ବେଆଇନ ମଦ ରୋକିବାରେ ବିଫଳ ହେଉଥିବା ଜଣାପଡିଛି। ବେଆଇନ ମଦ ଚଢାଉ କରିବା ପାଇଁ ଜିଲାରେ ଆବଶ୍ୟକ ଅଧିକାରୀ, କର୍ମଚାରୀ ମଧ୍ୟ ନାହାନ୍ତି। ଏପରିକି ଚଢାଉ କରିଯିବା ସମୟରେ କାର୍ଯ୍ୟାଳୟଗୁଡିକରେ ତାଲା ମଧ୍ୟ ଝୁଲୁଥିବା ଦେଖିବାକୁ ମିଳିଥାଏ। କଳାହାଣ୍ଡି ଜିଲା ଅବକାରୀ ବିଭାଗରେ ଦୀର୍ଘଦିନ ହେଲା ଅନେକ ପଦବୀ ଖାଲିପଡିଛି। ବର୍ତ୍ତମାନ ଜିଲାରେ ଜଣେ ଡିଏସଇ, ୨ଟି ଇନ୍ସପେକ୍ଟର, ୨ ସବ୍‌ଇନ୍ସପେକ୍ଟର, ୧୧ସହକାରୀ ସବ୍‌ଇନ୍ସପେକ୍ଟର ଓ ୧୩ଜଣ କନଷ୍ଟେବଲ ପଦବୀ ଖାଲିପଡିଛି। କଳାହାଣ୍ଡି ଜିଲା ଅବକାରୀ କାର୍ଯ୍ୟାଳୟରେ ପୂର୍ବରୁ ସ୍ଥାୟୀ ଅଧୀକ୍ଷକମାନେ ଯୋଗଦେଇଥିବାବେଳେ ଗତ ୧୧।୭।୨୦୨୨ରେ ସ୍ଥାୟୀ ଅଧୀକ୍ଷକ ବଦଳରେ ଭାରପ୍ରାପ୍ତ ଅଧୀକ୍ଷକ ଭାବେ ସେତେବେଳେ ଡିଏସଇ ଥିବା ରଞ୍ଜନ କୁମାର ନାୟକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଗତ ମାର୍ଚ୍ଚରେ ଭାରପ୍ରାପ୍ତ ଅଧୀକ୍ଷକ ନାୟକଙ୍କୁ ବିଭାଗ ପକ୍ଷରୁ ଅଧୀକ୍ଷକ ଭାବେ ପଦୋନ୍ନତି ମିଳିଛି। ହେଲେ ତାଙ୍କୁ ଅନ୍ୟ କୌଣସି ସ୍ଥାନକୁ ବଦଳି କରା ନ ଯାଇ କଳାହାଣ୍ଡି ଜିଲା ଅବକାରୀ କାର୍ଯ୍ୟାଳୟରେ ପୁଣି ଥରେ ନିଯୁକ୍ତି କରାଯାଇଛି। ଜଣେ ଉଚ୍ଚ ଅଧିକାରୀଙ୍କୁ ପଦୋନ୍ନତି ମିଳିବା ପରେ ଅନ୍ୟ ସ୍ଥାନକୁ ବଦଳି ହେଉଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଜିଲାରେ ନୂଆ ଅବକାରୀ ଅଧୀକ୍ଷକଙ୍କୁ ବିଭାଗ ନିଯୁକ୍ତି ଦେବା ପରିବର୍ତ୍ତେ ପୂର୍ବରୁ ଦେଢ ବର୍ଷରୁ ଊର୍ଦ୍ଧ୍ୱ ଧରି ଭାରପ୍ରାପ୍ତ ଦାୟିତ୍ୱ ତୁଲାଇଥିବା ନାୟକଙ୍କୁ ପୁଣି ଥରେ ଥଇଥାନ କରିବାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

# ଦାସିଗାଁ ମଣ୍ଡଳରେ ଭାଜପାର ଜନସମ୍ପର୍କ ଅଭିଯାନ



ଭାଜପାର ଜନସମ୍ପର୍କ ଅଭିଯାନ।

ଜୁନାଗଡ଼,୧୯।୪(ଅଂଶୁମାନ ଯୋଶୀ)

ସାଧାରଣ ନିର୍ବାଚନରେ ବିଜେଡି ଓ କଂଗ୍ରେସକୁ ଚେକମେଟ୍ ଦେବା ପାଇଁ ନିଜ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରେ ମଜ୍‌ଭୁଥ କରୁଛି ଭାଜପା। ଏପରିସ୍ଥଳେ ଜୁନାଗଡ ଭାଜପା ବିଧାୟକ ପ୍ରାର୍ଥୀ ମନୋଜ ମେହେର ଗତ କିଛିଦିନ ହେଲା ନିଜ ଜନସମ୍ପର୍କ ଅଭିଯାନ ଆରମ୍ଭ କରି ଗାଁକୁ ଗାଁ ପରିଦର୍ଶନ କରୁଛନ୍ତି। ଏପରିସ୍ଥଳେ ଜୁନାଗଡ ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ ଶୁକ୍ରବାର ଭାଜପା ପ୍ରାର୍ଥୀ ମନୋଜଙ୍କ ଜନସମ୍ପର୍କ ଅଭିଯାନରେ ସାମିଲ ହୋଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଛନ୍ତି।

**ମନୋଜଙ୍କ ସହ ସାମିଲ ହେଲେ ପୂର୍ବତନ ନଗରପାଳ**

ଜୁନାଗଡ ବ୍ଲକ ଦାସିଗାଁ ମଣ୍ଡଳର ବୁଡିପଦର, ଭଡ୍ରାଗୁଡା, ଡାବଝରଣ, କୋଲିଗାଁ ମାଟିଗାଁ, ବଣିଜରା, ପୁରୁଣାସର, ରାଜପୁର, ଚାରଭାଟି ଗ୍ରାମରେ ସେମାନେ ଜନସମ୍ପର୍କ ଅଭୟାନ ହୋଇଥିଲା। ଏହି ସମୟରେ ଭାଜପା ବିଧାୟକ ପ୍ରାର୍ଥୀ ମେହେର ଓ ପୂର୍ବତନ ନଗରପାଳ ବରାଡ ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଏହାଦ୍ୱାର ସାଧାରଣ ଲୋକେ କିପରି ଉପକୃତ ହୋଇଛନ୍ତି ତାହା ଉପରେ କହିବା ସହ କେନ୍ଦ୍ର ଓ ରାଜ୍ୟର ବିକାଶ ପାଇଁ ଭାଜପା ସରକାର ବିଜୟୀ କରାଇବା ପାଇଁ କହିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ଶ୍ରୀନିବାସ ସାହୁଙ୍କ ସମେତ ବିଜେଡି ଓ କଂଗ୍ରେସ ଛାଡି ଅନେକ କାର୍ଯ୍ୟକର୍ତ୍ତା ଭାଜପାରେ ସାମିଲ ହୋଇଥିଲେ। ଜନସମ୍ପର୍କ ଅଭିଯାନରେ ସ୍ଥାନୀୟ ମଣ୍ଡଳ ସଭାପତି ଅଂଶୁମାନ ଯୋଷୀ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ମେହେର, ପ୍ରମୋଦ ବେହେରା, ସାର୍ଥକ ବାଗ, ନିରାକାର ନାଏକ, ଗଜାନନ ଲହଜଲ, ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି ଜିଲା: ଦ୍ୱିତୀୟ ଦିନରେ ବି କେହି କଲେନି ନାମାଙ୍କନ

ଭବାନୀପାଟଣା,୧୯।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଚଳିତ ସାଧାରଣ ନିର୍ବାଚନ ପାଇଁ ଗୁରୁବାରଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକିୟା ଆରମ୍ଭ ହୋଇଛି। ପ୍ରଥମ ଦିନ ଗୁରୁବାର ଓ ଦ୍ୱିତୀୟ ଦିନ ଶୁକ୍ରବାର ସୁଦ୍ଧା ଜିଲାରେ ଉଭୟ ଲୋକ ସଭା ଓ ବିଧାନ ସଭା ପାଇଁ କୋଣସି ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଜଣାପଡିଛି। କେବଳ ପ୍ରାର୍ଥୀମାନେ ନାମାଙ୍କନ ପାଇଁ ପତ୍ର ନେଇଛନ୍ତି। ଗୁରୁବାର ପ୍ରଥମ ଦିନରେ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ୧୬ ବିଧାୟକ ପ୍ରାର୍ଥୀ ଓ ୪ ଜଣ ଲୋକ ସଭା ପାଇଁ ନାମାଙ୍କନ ପତ୍ର ନେଇଥିଲେ। ସେହିପରି ଶୁକ୍ରବାର ଦ୍ୱିତୀୟ ଦିନରେ ଜିଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୧ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି। ଏଥିରେ ଭବାନୀପାଟଣା ନିର୍ବାଚନମଣ୍ଡଳୀ ପାଇଁ ୩, ଧର୍ମଗଡ ପାଇଁ ୨, ଜୁନାଗଡ ୨, ଲାଞ୍ଜିଗଡ ୨ ଓ ନର୍ଲା ନିର୍ବାଚନମଣ୍ଡଳୀ ପାଇଁ ୨ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି। ଅନ୍ୟପକ୍ଷରେ ଲୋକ ସଭା ପାଇଁ ଦ୍ୱିତୀୟ ଦିନରରେ କେହି ନାମାଙ୍କନ ପତ୍ର ନେଇନାହାନ୍ତି। ଗୁରୁବାର ଓ ଶୁକ୍ରବାର ୨ ଦିନକୁ ମିଶାଇ ମୋଟ ୨୭ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇ ସାରିଲେଣି।

# ବହିଷ୍କୃତ ସରପଞ୍ଚ ପୁଣି ପଦବୀ ଫେରି ପାଇଲେ



ସମ୍ବର୍ଦ୍ଧନା ଦିଆଯାଉଛି।

ନୂଆପଡ଼ା,୧୯।୪(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଖୁଟମନ ଭେରା ପଞ୍ଚାୟତ ସରପଞ୍ଚ କଳ୍ପନା କୂଳଦୀପ ସରପଞ୍ଚ ପଦବୀ ଫେରି ପାଇ ପୁଣି ଅବସ୍ଥାପିତ ହୋଇଛନ୍ତି। ସରପଞ୍ଚ କଳ୍ପନାଙ୍କ ୩ଟି ସନ୍ତାନ ରହି ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି ବୋଲି ନିକଟତମ ପ୍ରତିଦ୍ୱନ୍ଦି କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେହି କେଶରେ ଆଧାର କରି ଜିଲାପାଳ ହେମକାନ୍ତ ସାଏ କଳ୍ପନାଙ୍କ ସରପଞ୍ଚ ପଦ ରଦ୍ଦ କରି ଅଯୋଗ୍ୟ ଘୋଷଣା କରିଥିଲେ। ସରପଞ୍ଚ ଦାୟିତ୍ୱରେ ନାଏବ ସରପଞ୍ଚଙ୍କୁ ଦେଇଥିଲେ। କଳ୍ପନା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ପୁଣି ସରପଞ୍ଚ ପଦବୀ ଫେରି ପାଇଛନ୍ତି। ଉଚ୍ଚ ନ୍ୟାୟାଳୟ ଅର୍ଡର ନଂ-୦୭ ତା.୨୦୨୪ ମାର୍ଚ୍ଚ ୧୨ ଡବ୍ଲୁପି (ସି) ନଂ-୨୧୫୭୦ ଅନୁସାରେ ପୁଣି ଅବସ୍ଥାପିତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନୂଆପଡା ଜିଲାପାଳଙ୍କଠାରେ ସବୁ କାଗଜାତ ଦାଖଲ କରିବା ପରେ କଳ୍ପନାଙ୍କୁ ପୁଣି ଦାୟିତ୍ୱ ଦିଆଯାଇଛି। ଗୁରୁବାର ଖୁଟମନ ଭେରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସାଧାରଣ ସଭା କରି ସରପଞ୍ଚ କଳ୍ପନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଖିଃଶ୍ୟାମ ପ୍ରଧାନ, ନାଏବ ସରପଞ୍ଚ ଚମନଲାଲ ପାଣ୍ଡେ, ସମିତି ସଭ୍ୟ ତାତୁରାମ ପାଣ୍ଡେ, ଯୋଗାଣ ସହାୟକ ବିଶ୍ୱଜିତ ସାହୁ, ବେଗ ପାଣ୍ଡେ, ରାଜେଶ ବାଗ, ନୀଳାମ୍ବର କୂଳଦୀପ, ଶୋଭା ସାହୁ, କାନ୍ତିଲାଲ ସାହୁ ପ୍ରମୁଖ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କୋମନା,୧୯।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ତ୍ରିନାଥ ଯଜ୍ଞ କମିଟି ଆନୁକୂଲ୍ୟରେ ଗତ ମଙ୍ଗଳବାରରୁ ଚାଲିଥିବା ଅଖଣ୍ଡ ନାମଯଜ୍ଞ ଶୁକ୍ରବାର ପୂର୍ବାହ୍ନ ୯ଟାରେ ନାମ ସମାପନ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ଅଜୟ କୁମାର ପଣ୍ଡା ଓ ନିରଜା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ଜିଲାର ବୁଦ୍ଧିକୋମନା ଜୟ ତ୍ରିନାଥ ସଂକୀର୍ତ୍ତନ ଦଳ, ଦାନଝଳାର ଜୟ ଗଣେଶ ସଂକୀର୍ତ୍ତନ ଦଳ, ଡୋଙ୍ଗରିପାଲିର ଜୟଚକ୍ର ଭୈରବ ସଂକୀର୍ତ୍ତନ ଦଳ, ବଲାଙ୍ଗୀରର ରାଧାକୃଷ୍ଣ ମହିଳା ସଂକୀର୍ତ୍ତନ ଦଳ ଦେଶଣ୍ଟ, ଜୟ ମାଧବ ସଂକୀର୍ତ୍ତନ ଦଳ ରେଙ୍ଗାଲି ଓ ବରଗଡ଼ର ତାରାଗୁରୁ ସଂକୀର୍ତ୍ତନ ଦଳ ରୂପପାଲୀ ଏଭଳି ୬ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ପୂଜକ ଭାବେ ଭୌରାମ ପଣ୍ଡା, ଧନପତି ପଣ୍ଡା ଓ ନୀଳମଣି ପାଢ଼ୀ ଦାୟିତ୍ୱ ତୁଲାଇ ଥିଲେ। ତ୍ରିନାଥ ଯଜ୍ଞ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଯଜ୍ଞ ସଫଳ ହୋଇଥିଲ।

## ବିଜେଡିରେ ଯୋଗ ଦେଲେ ପଲସଦା ସରପଞ୍ଚ

ଖଡ଼ିଆଳ,୧୯।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ପଲସଦା ପଞ୍ଚାୟତ ସରପଞ୍ଚ ଚାତୁରୀ ବେହେରା ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ପଲସଦା ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ଶୁକ୍ରବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଉଭୟେ ପଚିଶ ବର୍ଷ ଧରି କଂଗ୍ରେସର କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନା ପାଇଁ ବିଜୁ ପରିବାରରେ ସାମିଲ ହୋଇଥିବା ଉଭୟେ ପ୍ରକାଶ କରିଥିଲେ। ଖଡ଼ିଆଳ ବିଧାୟକ ତଥା ବିଜେଡି ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ଉଭୟଙ୍କ ଯୋଗଦାନ ଫଳରେ ଖଡ଼ିଆଳ ବିଜେଡି ଆହୁରି ସୁଦୃଢ଼ ହେବ ବୋଲି କହିଥିଲେ। ମିଶ୍ରଣ ପର୍ବରେ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବିଜେଡି ନେତା ସନ୍ତୋଷ ପଟ୍ଟନାୟକ, ହିରାଧର ମେହେର, ଦଶମୁ ବେହେରା, ସତପାଲ ସିଂ ଛାବଡା ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ସତନାମ ଗଠନକୁ ନିନ୍ଦା କଲେ ରାଜ୍ୟ ସତନାମ ସମାଜ

ଖଡ଼ିଆଳ,୧୯।୪(ସୁଜିତ୍ କୁମାର ପ୍ରଧାନ)




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୂଆପଡା ଜିଲାରେ ନୂତନ ଭାବେ ଚୟନ ହୋଇଥିବା ଜିଲା ସତନାମ ସମାଜ ଓ ରାଜ୍ୟ ସତନାମ ସମାଜର କାର୍ଯ୍ୟକଳାପକୁ ବେନିୟମ ତଥା ଅଗଣତାନ୍ତ୍ରୀକ ବୋଲି ଖଡିଆଳର ଏକ ହୋଟେଲରେ ପ୍ରଦେଶ ସତନାମ ସମାଜ ଏକ ଖବରଦାତା ସମ୍ମିଳନୀରେ ନିନ୍ଦା କରିଛନ୍ତି ପ୍ରଦେଶ ସତନାମୀ ସମାଜ କୁଳପତି କ୍ଷେତ୍ରମୋହନ ସତନାମୀ। ଏଥିରେ ରାଜ୍ୟ ସତନାମ ସମାଜ ସଭାପତି ଜୌତିଲାଲ ବଞ୍ଜାରେଙ୍କ ସମେତ ରାଜ୍ୟ ସତନାମ ସମାଜ କୁଳପତି କ୍ଷେତ୍ର ମୋହନ ସତନାମୀ, ରାଜ୍ୟ ସତନାମ ସମାଜ ଉପସଭାପତି ହରିରାମ ଆଡିଲ, ଜିଲା ଉପସଭାପତି ଈଶ୍ୱର ମନହରେ ଓ ରାଜ୍ୟ ସଚିବ ମିନିକେତନ ଡିଣ୍ଡି ସମେତ ନୂଆପଡା, କଳାହାଣ୍ଡି, ବଲାଙ୍ଗୀର ଜିଲାରୁ ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବାସ୍ତବରେ ରାଜ୍ୟ ସତନାମ ସମାଜ ସଭାପତି ଜୌତିଲାଲ ବଞ୍ଜାରେ ଅଟନ୍ତି। ଯଦିବା ଜୌତିଲାଲଙ୍କ ୩ବର୍ଷର କାର୍ଯ୍ୟକାଳ ସମାପ୍ତ ହୋଇଯାଇଛି। ନିର୍ବାଚନୀ ଆଚରଣବିଧି ଲାଗୁଥିବାରୁ ରାଜ୍ୟ ସତନାମ ସମାଜ ନିର୍ବାଚନ ସ୍ଥଗିତ ରଖାଯାଇଛି। ନିୟମାନୁଶାରେ ରାଜ୍ୟ ସତନାମ ସମାଜ ନିର୍ବାଚନ ପୂର୍ବରୁ ପଶ୍ଚିମ ଓଡିଶାର ୮ଟି ଜିଲାର କର୍ମକର୍ତ୍ତାଙ୍କ ସହମତି ଲୋଡିବା ସହ ରାଜ୍ୟର ୧୧୧ଟି ଗାଁରେ ରହୁଥିବା ସତନାମ ସମାଜ କର୍ମକର୍ତ୍ତାଙ୍କ ସହମତି ଲୋଡିବା ପରେ ପଡୋଷୀ ଛତିଶଗଡ ରାୟପୁରରୁ ୨ଜଣ ଅବଜରବରଙ୍କ ଉପସ୍ଥିତିରେ ରାଜ୍ୟ ସତନାମ ସମାଜ ସଭାପତି ମନୋନୀତ କରାଯାଇଥାଏ। ଲଲୁ ଚେଲକ ଏହା ପୂର୍ବରୁ ନୂଆପଡା ଜିଲା ସତନାମ ସମାଜ ସଭାପତି ଥିଲେ, ହେଲେ ତାଙ୍କ ଅନୈତିକ କାମ ପାଇଁ ଜିଲା ସତନାମ ସମାଜ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ତାଙ୍କୁ ସଭାପତି ପଦରୁ ବ୍ୟାହାତ କରାଯାଇଛି। ଏଥିରେ ଅସନ୍ତୋଷ ହୋଇ ସମାଜ ବିରୋଧି କାମ କରିଛନ୍ତି ଓ ମିଥ୍ୟା ଖବର ଗଣମାଧ୍ୟମରେ ପ୍ରକାଶ ମଧ୍ୟ କରାଯାଇଛି। ତେଣୁ ଖବରଦାତା ସମ୍ମିଳନୀରେ ସତ୍ୟ ଖବର ପ୍ରକାଶ ହେଉ ବୋଲି ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଉଠିବା ପରେ ସାମ୍ବିଧାନିକ ପଦ୍ଧତିରେ ପ୍ରଦେଶ ସତନାମ ସମାଜ ଗଠନ କରାଯିବ ଓ ବେନିୟମ କାଯ୍ୟକର୍ତ୍ତା ବିରୋଧରେ ସତନାମ ସମାଜ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସତନାମ ସମାଜ ସଭାପତି ଓ ରାଜ୍ୟ ସତନାମ ସମାଜ କୁଳପତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ମା’ ଠାକୁରାଣୀଙ୍କ ଘଣ୍ଟଯାତ୍ର ସମ୍ପନ୍ନ

ଲାଞ୍ଜିଗଡ଼,୧୯।୪(ରମେଶ ଚନ୍ଦ୍ର ନାୟକ)



- ଭକ୍ତଙ୍କ ପିଠିରେ ମା’ ଆସ୍ଥାନକୁ ବିଜେକଲେ
- ୮ ଦିନ ବିଭିନ୍ନ ଗାଁକୁ ଯାଇ ପୂଜା ପାଇଥିଲେ
- ମାନସିକଧାରୀ ବୋଦା, କୁକୁଡ଼ା ବଳି ଦେଲେ

କଳାହାଣ୍ଡି ଜିଲା ଲାଞ୍ଜିଗଡର ମା’ ଠାକରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ଶୁକ୍ରବାର ମହାସମାରୋହରେ ସମ୍ପନ୍ନ ହେଇଯାଇଛି। ମା’ଠାକୁରାଣୀ ଗତ ୯ ଦିନ ଧରି ଦ୍ୱାରଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେବା ପରେ ଶୁକ୍ରବାର ସକାଳେ ନିଜ ଆସ୍ଥାନ ବିରାଜମାନ କରିଛନ୍ତି। ପୂଜକ ଭକ୍ତଙ୍କ ପିଠିରେ ମା’ଙ୍କୁ ଆସ୍ଥାନକୁ ନେଇଥିଲେ। ମା’ ଠାକୁରାଣୀଙ୍କ ଘଣ୍ଟଯାତ୍ର ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇଥିବାବେଳେ ଲାଞ୍ଜିଗଡ ରାଜ ଉଆସରୁ ମା’ଙ୍କ ଘଣ୍ଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରି ପୂଜକମାନେ ଆହ୍ୱାନ କରିଥିଲେ। ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ଓ ଜମ୍ବେଶ୍ୱର ପୂଜାରୀ ମା’ଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରି ଥିବା ବେଳେ ମହେଶ୍ୱର ପ୍ରଧାନୀ ମା’ଙ୍କ ଛତର ଧରି ଅଞ୍ଚଳର ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଦୀର୍ଘ ୮ ଦିନ ବିଭିନ୍ନ ଗାଁକୁ ଯାଇ ଭକ୍ତମାନଙ୍କ ଘରେ ପୂଜା ପାଇବା ପରେ ନବମ ଦିନ ନିଜ ମନ୍ଦିରରେ ଗୋଟିଏ ଦିନ ପାଇଁ ବିଶ୍ରାମ ନେଇଥିଲେ। ପୁଣି ସେହିଦିନ ସନ୍ଧ୍ୟାରେ ଲାଞ୍ଜିଗଡ ରାଜାଙ୍କ ଘରକୁ ଯାଇ ପୂଜା ପାଇବା ପରେ ନବମ ଦିବସ ରାତିସାରା ଲାଞ୍ଜିଗଡ ସହରର ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ମା’ଙ୍କ ସେବକ ପୂଜାରୀ ପଡ଼ାରୁ ଏକ ବିରାଟ ଆଡୁଆଳରେ ମନ୍ଦିରକୁ ଆଣିଥିଲେ। ପୂଜାରୀପଡାବାସୀ ନିଜ ଦ୍ୱାର ସାମ୍ନାରେ ଚିତା ଆଙ୍କି ଘଣ୍ଟ, ଘଣ୍ଟା, ଶଙ୍ଖ, ଖୋଳତାଳ ବାଦ୍ୟରେ ମା’ଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ। ମାନସିକଧାରୀମାନେ ବୋଦା, କୁକୁଡ଼ା, ପାରା ବଳି ମଧ୍ୟ ଦେଇଥିବା ଦେଖିବାକୁ ମିଳିଥିଲା। ମା’ ଠାକୁରାଣୀ ପରେ ନିଜ ଆସ୍ଥାନକୁ ଆସିବା ସମୟରେ ଭକ୍ତମାନଙ୍କ ପିଠିରେ ଚଢି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ମା’ ପିଠି ଉପରେ ଚଢି ଆସିଲେ ବିଭିନ୍ନ ରୋଗ ଶୋକ ଦୂର ହେବା ସହ ଶାନ୍ତିମୟ ଜୀବନଯାପନ କରିବାର ବିଶ୍ୱାସ ରହିଛି। ମନ୍ଦିରକୁ ଆସିବା ପରେ ଗ୍ରାମର ସମସ୍ତଙ୍କ ଘରୁ ଶସ୍ୟ ସଂଗ୍ରହ କରାଯାଇଥିଲା। ସେହି ଶସ୍ୟଙ୍କୁ ମା’ଙ୍କ ଘରେ ପୂଜାର୍ଚ୍ଚନା ପରେ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ସେହି ଶସ୍ୟକୁ ରଖି ଅକ୍ଷୟ ତୃତୀୟାରେ ବାହାର କରି ଜମିରେ ଦେଲେ ଭଲ ଅମଳ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ମା’ ଠାକୁରାଣୀ ୯ ଦିନ ଧରି ଘଣ୍ଟଯାତ୍ର ମହାଆଡମ୍ବର ସହିତ ପାଳନ ହୋଇଥିବା ବେଳେ ମନ୍ଦିରକୁ ଆଲୋକମାଳାରେ ସଜିତ କରାଯାଇଥିଲା। ଭକ୍ତଙ୍କ ମନରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରା ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ମା’ ଠାକୁରାଣୀ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ବିଦ୍ରୋହୀ ନେତାଙ୍କ ପାଇଁ ଅଡୁଆରେ ମହୀଧର

**ଜମୁଛି କନ୍ଧମାଳ ରାଜନୀତି**

■ବୌଦ୍ଧ ବ୍ଲକ ଅଧ୍ୟକ୍ଷ ଭାଜପାରେ ମିଶିବା ନେଇ ଚର୍ଚ୍ଚା

ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଥିବା ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ କନ୍ଧମାଳ ଓ ବୌଦ୍ଧରେ ସାଧାରଣ ନିର୍ବାଚନ ପାଇଁ ରାଜନୀତି ପୁରା ସରଗରମ ହୋଇଛି। ଦୁଇଟି ଯାକ ବିଧାନସଭା ଆସନକୁ ଶାସକ ଦଳ ଅକ୍ତିଆର କରିଥିବା ବେଳେ ଏଥର ମଧ୍ୟ କନ୍ଧମାଳ ପାଇଁ ମହୀଧର ରଣା ଓ ବୌଦ୍ଧ ପାଇଁ ପ୍ରଦିପ ଅମାତଙ୍କୁ ଦଳ ପୁଣି ପ୍ରାର୍ଥୀ କରିଛି। କିନ୍ତୁ ଏଥର କନ୍ଧମାଳ ବିଧାନସଭା ରାଜନୀତି ଶାସକ ଦଳ ପାଇଁ ପୁରା ଅଡୁଆ ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। କନ୍ଧମାଳ ବିଧାନସଭା ମଣ୍ଡଳୀରେ ଭାଜପା ବରିଷ୍ଠ ନେତା କହ୍ନାଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ମନୋଜ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କୁ କନ୍ଧମାଳରେ କଂଗ୍ରେସ ଦଳ ପକ୍ଷରୁ ବିରୋଧ କରାଯାଉଛି। ଫଳରେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି । ମହୀଧରଙ୍କୁ ନିଜ ଦଳର ନେତାମାନେ ବିରୋଧ କରି ଆସୁଥିବା ବେଳେ ତାଙ୍କୁ ଟିକେଟ ନ ଦେବାକୁ ଦାବି କରି ଆସୁଥିଲେ। ଏହାସତ୍ତ୍ୱେ ଦଳ ତାଙ୍କୁ ପୁଣି ପ୍ରାର୍ଥୀ କରିବା ପରେ ଦଳର ବରିଷ୍ଠ ନେତାମାନେ ବିଦ୍ରୋହ କରିବା ସହ ଭାଜପା ପ୍ରାର୍ଥୀ କହ୍ନାଇ ଚରଣଙ୍କୁ ଜିତାଇବାକୁ ଗତ ୧୨ ତାରିଖରେ ସୋନପୁର ଜିଲାର ପ୍ରସିଦ୍ଧ ଶକ୍ତି ପୀଠ ମା' ମେଟାକାନୀ ମନ୍ଦିରରେ ସଂକଳ୍ପ ନେଇଛନ୍ତି। ଅନ୍ୟପକ୍ଷରେ ମହୀଧର ପ୍ରଚାର ଜୋରଦାର କରିବା ସହ ଜିତିବା ନେଇ ପୁରା ଆଶାବାଦୀ ଅଛନ୍ତି। ଭାଜପାର କହ୍ନାଇ ଚରଣ ମଧ୍ୟ ସୁଯୋଗ ହାତଛଡା ନ କରିବା ଲକ୍ଷ୍ୟ ନେଇ ବିଜେଡିର ଅସନ୍ତୁଷ୍ଟଙ୍କୁ ନେଇ ପ୍ରଚାର ଜୋରଦାର କରିଛନ୍ତି। ଭାଜପା ଏଥର କନ୍ଧମାଳ ବିଧାନସଭା ଶାସକ ଦଳ ହାତରୁ ଛଡାଇବାକୁ ପୁରା ଆଶାବାଦୀ ରହିଛି। ଗତ ୨୦୧୯ ନିର୍ବାଚନରେ ମହୀଧର ରଣା ଓ କହ୍ନାଇ ଚରଣ ଡାଙ୍ଗଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିବା ବେଳେ ମହୀଧର ମାତ୍ର ୩୬୫୦ ଭୋଟରେ ବିଜୟ ହୋଇଥିଲେ। ଗତ ୨୦୧୯ ନିର୍ବାଚନରେ ଶାସକ ଦଳର ବରିଷ୍ଠ ନେତା ଶେଷ କୁମାର ମେହେର ଟିକେଟ ନ ପାଇବାରୁ ସେ ସ୍ୱାଧୀନ ଭାବେ ଲଢି ୨୮ ହଜାରରୁ ଅଧିକ ଭୋଟ ପାଇଥିଲେ। ଶେଷ ମେହେର ଓ କହ୍ନାଇ ଚରଣ ଡାଙ୍ଗ ଦୁଇ ବନ୍ଧୁ। ରାଜନୀତି ପାଇଁ ଦୁଇ ବନ୍ଧୁ ବିରୋଧୀ ହୋଇଥିଲେ। କିନ୍ତୁ ଏଥର ଶେଷ ଓ କହ୍ନାଇ ଚରଣ ମିଶିଯିବା ପରେ ଶେଷ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଖାଲି ଯେ ଶେଷ ଅସନ୍ତୁଷ୍ଟ ଅଛନ୍ତି, ତାହା ନୁହେଁ ବିଜେଡିର ବହୁ ପୁରୁଖା ନେତା ମହୀଧରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ଶପଥ ନେଇଛନ୍ତି। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ(ବବି) କନ୍ଧମାଳରେ ପରିବର୍ତ୍ତନ ସମାବେଶ କରି ମହୀଧର ହଟାଅ ଅଭିଯାନ ଜୋର କରିବା ସହ ନୂତନ ପ୍ରାର୍ଥୀ ଦେବାକୁ ଦାବି କରି ଆସୁଥିଲେ। ବିଜେଡି ପକ୍ଷରୁ ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ପ୍ରିୟଦର୍ଶୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାସତ୍ତ୍ୱେ ସେ ମହୀଧର ହଟାଅ ଅଭିଯାନ ଜାରି ରଖିଥିଲେ। ବିଜେଡିର କନ୍ଦଳ ଯୋଗୁ ଏଥର ଭାଜପା ପ୍ରାର୍ଥୀ କହ୍ନାଇ ଚରଣଙ୍କ ପାଇଁ ନିର୍ବାଚନ ବୈତରଣୀ ପାର ହେବା ଏକପ୍ରକାର ସହଜ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଆସନ୍ତା ୨୦ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବୌଦ୍ଧ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ କନ୍ଧମାଳ ନିର୍ବାଚନମଣ୍ଡଳୀର ପଲଶାଗୋରାଠାରେ ଏକ ସଭା କରିବାର ରହିଛି। ଏହି ସଭାରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଦଳ ଛାଡି ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ପ୍ରିୟଦର୍ଶୀଙ୍କ ବୌଦ୍ଧ ବ୍ଲକରେ ଏକ ପ୍ରକାର ଦବଦବା ରହିଛି। ଏହାସହ ବହୁ ବିଜେଡି ନେତା ଭାଜପାରେ ମିଶିବା ଆଲୋଚନା ହେଉଛି।

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ



ସ୍ଥାନୀୟ ଲୋକଙ୍କ ରାଜପଥ ଅବରୋଧ ।

ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)

**ଦୁର୍ଘଟଣାରେ ଜଣେ ମୃତ**

ବୌଦ୍ଧ ଜିଲା ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଗାନ୍ଧୀନଗରଠାରେ ଏକ ବୋଲେରୋ ଧକ୍କାରେ ଜଣେ ମୋଟର ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଲୋକେ କ୍ଷତିପୂରଣ ପ୍ରଦାନ ଦାବିରେ ରାଜପଥ ଅବରୋଧ କରିବା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ପ୍ରକାଶ ଯେ, ହରଭଙ୍ଗା ବ୍ଲକ ରାଧାନଗର ଗ୍ରାମର ନାରାୟଣ ମେହେର(୪୦) ଏକ ଛୋଟିଆ କିରାନା ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ଶୁକ୍ରବାର ନାରାୟଣ ଦୋକାନ ପାଇଁ ସଉଦା କିଣି ବୌଦ୍ଧରୁ ମୋଟରସାଇକେଲରେ ଘରକୁ ଫେରୁଥିଲେ। ଫେରିବା ବାଟରେ ରେଲୱେ ଠିକା ସଂସ୍ଥାର ବୋଲେରୋ (ନଂ ଓଡି– ୨୭ ସି ୨୫୪୮) ଗାନ୍ଧୀନଗରଠାରେ ମୋଟର ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହାଛଡା ଧକ୍କା ଦେଇଥିବା ବୋଲେରୋ ଚାଳକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ତେବେ ଜାତୀୟ ରାଜପଥ ଅବରୋଧ ଖବରପାଇ ବୌଦ୍ଧ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକଙ୍କ ପରିବାରକୁ ଠିକା ସଂସ୍ଥା ୧ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ଦେବାରୁ ପ୍ରାୟ ୧ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା ।

# ଜନସେବାରେ ସହଯୋଗ ପାଇଁ ୧୩ ଜଣଙ୍କୁ ପୁରସ୍କୃତ କଲା ଜିଲା ପୋଲିସ



ପୋଲିସ ପକ୍ଷରୁ ପୁରସ୍କୃତ କରାଯାଉଛି ।

ବୌଦ୍ଧ,୧୯।୪( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ଶୁକ୍ରବାର ଦିନ ଜନସେବାରେ ସହଯୋଗ ପାଇଁ ୧୩ ଜଣଙ୍କୁ ପୁରସ୍କୃତ କରାଯାଇଛି। ବିଭିନ୍ନ ସମୟରେ ଦୁର୍ଘଟଣା ତଥା ପୋଲିସର ଅନ୍ୟ କାର୍ଯ୍ୟରେ ସହଯୋଗ ଯୋଗୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲା ପ୍ରୋତ୍ସାହନ ରାଶି ଭାବରେ ୨ ହଜାର ଟଙ୍କା ଲେଖାଏ ଜିଲା ପୋଲିସ ଜରିଆରେ ପ୍ରଦାନ କରାଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ନିରାଡମ୍ବର କାର୍ଯ୍ୟକ୍ରମରେ ଜନସେବା ପାଇଁ ସୁଶିଲ କୁମାର ପ୍ରଧାନ,ପ୍ରଶାନ୍ତ କୁମାର ମହାକୁଡ, ପ୍ରଦିପ କୁମାର ସାହୁ, ପ୍ରଶାନ୍ତ ପଣ୍ଡା, ସୁନିଲ କୁମାର ସାହୁ, କାହ୍ନା ସାହୁ, ଅଜିତ କୁମାର ସାହୁ, ଶୁଭମ ସାହୁ, ଶୁଭେନ୍ଦୁ କୁମାର ଶତପଥୀ, ଇନ୍ଦ୍ରମଣି ମେହେର, କୃଷ୍ଣ ଗୋବିନ୍ଦ ମହାପାତ୍ର, ସୁଧୀର ପଣ୍ଡା ଓ ହେମନ୍ତ ଦାଶଙ୍କୁ ଏସ୍‌ପି ରାଜପ୍ରସାଦ ଓ ଏସଡିପିଓ କୁଲଦୀପ ମିନା ପୁରସ୍କାର ପ୍ରଦାନ କରିଥିଲେ। ଏହାଦ୍ୱାରା ଜନସାଧାରଣ ବିପଦ ସମୟରେ ଭୟମୁକ୍ତ ଭାବରେ ଅନ୍ୟମାନଙ୍କୁ ସହଯୋଗ କରିବାକୁ ପ୍ରୋତ୍ସାହିତ ହେବେ ବୋଲି ଏସପି ପ୍ରସାଦ ପ୍ରକାଶ କରିଥିଲେ। ଏହି ଅବସରରେ ସୁଶିଲ କୁମାର ପ୍ରଧାନ ଜନସେବାରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଏସପି ମାରିୟସ ମି, କପିଳେଶ୍ୱର ବେହେରା,ବୌଦ୍ଧ ଥାନା ଅଧିକାରୀ ଆର.କେ. ମୁନି,ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି, ଭାରପ୍ରାପ୍ତ ଆରଟିଓ ଶିଶିର କୁମାର ସାହୁ,ଏମଭିଆଇ ଗୋଲାପ ଚନ୍ଦ୍ର ହାଂସଦା ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମିଶ୍ରଣ ପର୍ବରେ ଯୋଗ ଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ମିଶିବେ ଜିଲାର ବହୁ ନେତା**

ବୌଦ୍ଧ,୧୯।୪( ଅଜିତ କୁମାର ବାରିକ)

ଶନିବାର ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୌଦ୍ଧ ଜିଲାକୁ ଦିନିକିଆ ଗସ୍ତରେ ଆସି ଦୁଇଟି ସାଧାରଣ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ ଜିଲାର ଅନ୍ୟ ଦଳର ବଡବଡିଆ ନେତା ଭାଜପାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟତଃ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ତଥା ବିଜେଡିର ରେଢାଖୋଲ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମିଶିବା ନେଇ ଚର୍ଚ୍ଚା ଜୋର ଧରିଛି। କନ୍ଧମାଳ ନିର୍ବାଚନମଣ୍ଡଳୀର ବହୁ ବିଜେଡି ନେତା ମଧ୍ୟ ମିଶିବାର ରହିଥିବା ଆଲୋଚନା ହେଉଛି। ଏହା ଉପରେ ସମସ୍ତଙ୍କ ନଜର ରହିଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କନ୍ଧମାଳ ନିର୍ବାଚନମଣ୍ଡଳୀର ପଲସାଗୋରାଠାରେ ଥିବା ମକରପଡିଆଠାରେ ଏକ ସାଧାରଣ ସଭାରେ ଯୋଗଦେବା ସହିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ । ଏଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅପରାହ୍ନ ୫ଟାରେ ବୌଦ୍ଧ ସହରର ବୁଢୁପାଲିଠାରେ ଥିବା ତୁଳସୀ କଲ୍ୟାଣମଣ୍ଡପ ଠାରେ ଏକ ମିଶ୍ରଣ ପର୍ବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସହରର ରାମେଶ୍ୱର ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବାର ଅଛି । ଏହାସହ ରାଜବାଟୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତାଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ପିପଲପାଲି ନାମଯଜ୍ଞରେ ଗୁଳିମାଡ଼ ଘଟଣା: ୩ ଗିରଫ

ଘଣ୍ଟାପଡ଼ା,୧୯।୪(ପ୍ରଭାତ କୁମାର ସାହୁ)



ଗିରଫ ଅଭିଯୁକ୍ତମାନେ ।

ବୌଦ୍ଧ ଜିଲା କନ୍ଧମାଳ ଥାନା ପିପଲପାଲି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିବା ବେଳେ ହୋଇଥିବା ଗୁଳିମାଡ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସହ ୩ ଜଣଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଆଉ ଜଣେ ସୁପାରୀ କିଲର ବର୍ତ୍ତମାନ ସୁଦ୍ଧା ଫେରାର ଥିବା ଥାନାଧିକାରୀ ଭାବାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଲମ୍ବସରି ପଞ୍ଚାୟତ ପିପଲପାଲି ଗ୍ରାମରେ ଶ୍ରୀରାମ ନବମୀ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିବା ବେଳେ ଦୁର୍ବୃତ୍ତଙ୍କ ଦ୍ୱାରା ତିନି ରାଉଣ୍ଡ ଗୁଳିମାଡ ହୋଇଥିଲା। ଗୁଳିମାଡରେ ନାମଯଜ୍ଞର କର୍ତ୍ତା ଦାୟିତ୍ୱ ତୁଲାଉଥିବା ବିଶ୍ୱାମିତ୍ର ଜାନି ଗୁରୁତର ଆହତ ହୋଇଥିଲେ। ତାଙ୍କ ଅବସ୍ଥା ଏବେ ବି ସଙ୍କଟାପନ୍ନ ରହିଛି। ସ ଛତିଶଗଡର ରାୟପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। କାରଣ ସଂପର୍କରେ ଥାନା ଅଧିକାରୀ ପ୍ରଧାନ କହିଛନ୍ତି, ପୂର୍ବ ଶତ୍ରୁତାକୁ ନେଇ ସାନ–ରୁଣ୍ଡିମହୁଲ ଗ୍ରାମର ଜୟ ପ୍ରକାଶ ସାମନ୍ତରା ଓରଫ ପ୍ରକାଶ (୨୭) ୩ ଜଣଙ୍କୁ ୨ ଲକ୍ଷ ଟଙ୍କାର ସୁପାରୀ ଦେଇ ବିଶ୍ୱାମିତ୍ରଙ୍କୁ ହତ୍ୟା କରିବାକୁ ପିପଲପାଲି ଗ୍ରାମକୁ ଯାଇଥିଲେ। ଗୁଳିମାଡ କରି ସମସ୍ତେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ସାନ ମନମୁଣ୍ଡା ଗାଁର ବଳବନ୍ତ ନାୟକ ଓରଫ ବୁଟା(୨୧) ଗ୍ରାମବାସୀଙ୍କ ହାବୁଡ଼ରେ ପଡି ଯାଇଥିଲେ। ପୋଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଜୟ ପ୍ରକାଶ, ବଳବନ୍ତ ଓ ଅନ୍ୟଜଣେ ତରଭା ଥାନା ଦୁବୁଲା ଗ୍ରାମର କନକସିଂ ମାଝୀ (୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଗୁଳିମାଡରେ ବ୍ୟବହୃତ ପିସ୍ତଲ ଓ ଗୁଳି ସହ ଗୋଟିଏ ସ୍ମାର୍ଟଫୋନ ଜବତ କରାଯାଇଥିବା ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ଫେରାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।

# ବୌଦ୍ଧରେ ପୋଲିସ, ବିଏସ୍ଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ



ପୋଲିସର ଫ୍ଲାଗ୍ ମାର୍ଚ୍ଚ।

ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଚଳିତ ନିର୍ବାଚନକୁ ଅବାଧ,ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଜିଲା ପୋଲିସ ଓ ବିଏସ୍ଏଫ ପକ୍ଷରୁ ବୌଦ୍ଧ ସହରରେ ଶୁକ୍ରବାର ଦିନ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ବୌଦ୍ଧ ବ୍ରିଜଛକଠାରୁ ଏହି ଫ୍ଲାଗ୍ ମାର୍ଚ୍ଚ ବାହାରି ସହର ପରିକ୍ରମା କରିଥିଲା। ଏହି ସମୟରେ ଏସଡିପିଓ କୁଲଦୀପ ମୀନା ଓ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ ମୁନୀ, ଆରଆଇ କୁଳମଣି ଗିରି ଉପସ୍ଥିତ ଥିଲେ। ଏଥିରେ ୬ ପ୍ଲାଟୁନ ଫୋର୍ସ ସାମିଲ ଥିଲେ।

# ନିରପେକ୍ଷ ଖବର ପ୍ରସାରଣକୁ ଗୁରୁତ୍ୱ

ଖୁଣ୍ଟିଗୋରା/ମନମୁଣ୍ଡା,୧୯।୪
(ମକରନ୍ଦ ସାହୁ/ବେଣୁଧର ପ୍ରଧାନ)

**କନ୍ଧମାଳ ବ୍ଲକ ସାମ୍ବାଦିକ ସଂଘର ବୈଠକ**

ଆଉ ମାତ୍ର ଏକ ମାସ ପରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ନିର୍ବାଚନୀ ମାହୋଲ ଏବେ ସରଗରମ ରହିଛି । ଏହି ଅବସରରେ ସାମ୍ବାଦିକ ସଂଘ କନ୍ଧମାଳ ପକ୍ଷରୁ ଖଇରମାଳ ମେଗା ଜଳ ସେଚନ ପ୍ରକଳ୍ପ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ସୁଶିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂପ୍ରତିକ ପରିସ୍ଥିତିରେ କୌଣସି ଦଳର ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଗତ ଦିନରେ କନ୍ଧମାଳ ନିର୍ବାଚନମଣ୍ଡଳୀରେ ପ୍ରାୟ ୭୦ପ୍ରତିଶତ ଲୋକ ଭୋଟ ଦେଉଛନ୍ତି। ଚଳିତ ନିର୍ବାଚନରେ କିପରି ଅଧିକ ଭୋଟର ମତଦାନରେ ସାମିଲ ହେବେ ସେଥିପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଲାଗି ଆଲୋଚନା ହୋଇଥିଲା। ଖବରଦାତାଙ୍କୁ ନିର୍ବାଚନ ସମୟରେ ଖବର ପରିବେଷଣରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ହୃଦାନନ୍ଦ ମେହେର, କୃପାସିନ୍ଧୁ ସୁନା, ବେଣୁଧର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶଙ୍କର୍ଷଣ ସାହୁ, ମକରନ୍ଦ ସାହୁ, ପ୍ରଭଞ୍ଜନ ପୁରୋହିତ, ଆଶିଷ ଠାକୁର, ଅକ୍ରୁର ବେହେରା, ସିଦ୍ଧେଶ୍ୱର ଗିରି, ଆବୁ ବକ୍କର ଖାଁ, କୁନୁ ରାଜହଂସ, ବିରଜାନନ୍ଦନ ଦାନି, ଗୋପାଳ ମେହେର, ନିଗମାନନ୍ଦ ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସମ୍ପାଦକ ଜଗାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଆଇସିଙ୍କ ବିରୋଧରେ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

ସୋନପୁର,୧୯।୪(ମୃତ୍ୟୁଞ୍ଜୟ ଶତପଥୀ)

**ଯୁବକଙ୍କୁ ବେଆଇନ ଭାବେ ଥାନାରେ ଅଟକ ରଖି ମାଡ଼ ଅଭିଯୋଗ**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନାରେ ଜଣେ ଯୁବକଙ୍କୁ ଦୀର୍ଘ ସମୟ ଅଟକ ରଖି ବେଆଇନ ଭାବେ ମାଡ ମାରିବା ଓ ଧମକ ଦେବା ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଗୁରୁତର ସହ ଗ୍ରହଣ କରିଛନ୍ତି। ମାନବ ଅଧିକାର କର୍ମୀ ପୁରୀର ଜୟନ୍ତ ଦାଶଙ୍କ ଅଭିଯୋଗ କ୍ରମେ ଏନ୍‌ଏଚ୍‌ଆର୍‌ସି ସୋନପୁର ଆଇଆଇସି ଲୋକନାଥ ସାହୁଙ୍କ ନାମରେ ଶୁକ୍ରବାର ଏକ କେସ୍ (ନଂ ୬୦୨୬/ଆଇଏନ/୨୦୨୪) ରୁଜୁ କରିଛନ୍ତି। ଗତ ୧୯୮୯ ମସିହା ଡିସେମ୍ବର ୧୪ ତାରିଖରେ ସହେଲି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଘଟଣାରେ ପୀଡିତଙ୍କୁ ଓଡିଶାର ମୁଖ୍ୟ ଶାସନ ସଚିବ କ୍ଷତିପୂରଣ ବାବଦକୁ ୨ ଲକ୍ଷ ଟଙ୍କା ଦିଅନ୍ତୁ। ଏହି କ୍ଷତିପୂରଣ ଅର୍ଥ ସମ୍ପୃକ୍ତ ଆଇଆଇସିଙ୍କ ଠାରୁ ଆଦାୟ କରାଯାଉ ବୋଲି ଦାଶ ଜାତୀୟ ମାନବାଧିକାର କମିଶନଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଥାନା ଆଇଆଇସିଙ୍କ ନାମରେ ସୋନପୁର ଥାନାରେ ଏକ ମାମଲା ରୁଜୁ କରି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ମାନବାଧିକାର କର୍ମୀ ଦାଶ ଡିଜିପି ଓଡିଶାଙ୍କୁ ଅନୁରୋଧ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ସୋନପୁର ସହର ଘୋଡାଘାଟପଡାର ମୃଣ୍ମୟ ସିଂ ବକ୍ସି(୪୦)ଙ୍କୁ ମାର୍ଚ୍ଚ ୨୭ ତାରିଖରେ ସୋନପୁର ଆଇଆଇସି ସାହୁ ଜଣେ ହାବିଲଦାରଙ୍କ ଜରିଆରେ ଥାନାକୁ ଡକାଇଥିଲେ। ବକ୍ସି ଥାନାକୁ ଆସିବା ପରେ ଆଇଆଇସି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କୌଣସି କାରଣ ନ ଥାଇ ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଥାନାରେ ରଖି ତାଙ୍କୁ ନିସ୍ଥୁକ ମାଡ ମାରିଥିଲେ। ଏପରି କି ଗଞ୍ଜେଇ ମାମଲାରେ ଫସାଇ ଦେବେ ବୋଲି କୁଆଡେ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଆଇଆଇସି ଏକ ପ୍ଲାଷ୍ଟିକ୍ ପାଇପ୍‌ରେ ମାଡ ମାରିବା ଯୋଗୁ ବକ୍ସିଙ୍କ ବାହୁରେ କ୍ଷତ ସୃଷ୍ଟି ହୋଇଥିଲା। ଭୀଷଣ କଷ୍ଟ ହେବାରୁ ଘଟଣାର ପରଦିନ ପୀଡିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହୋଇଥିଲେ। ବକ୍ସି ନିଜର ସୁରକ୍ଷା ପାଇଁ ଏପ୍ରିଲ ୨ ତାରିଖରେ ଏସ୍‌ପି ଯଶପ୍ରତାପ ଶ୍ରୀମାଲ୍‌ଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ । ଏପରିକି ଥାନାର ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରି ତଦନ୍ତ କରିବାକୁ ପ୍ରାର୍ଥନା କରିଥିଲେ। ତେବେ ଏହି ଘଟଣାର ତଦନ୍ତ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିପାରିନି। ସାହୁ ଦେଢ ମାସ ହେବ ସୋନପୁର ଥାନାରେ ଯୋଗ ଦେଇଛନ୍ତି। ପ୍ରକାଶ ଯେ, ଆଇଆଇସି ସାହୁ ସମ୍ବଲପୁର ଜିଲା ଯୁଯୁମୁରା ଥାନାରେ କାର୍ଯ୍ୟରତ ଥିବା ବେଳେ ବିବାଦୀୟ ହୋଇ ପଡିଥିଲେ। ତତ୍କାଳୀନ ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂ ଆଇଆଇସି ସାହୁଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଥିଲେ।



ପୋଲିସ ମାଡ଼ରେ ଯୁବକଙ୍କ ହାତ ଫୁଲି ଯାଇଛି।



ସୋନପୁର ଆଇଆଇସି ଲୋକନାଥ ସାହୁ।

# ପ୍ରଶିକ୍ଷଣ ନେଲେ ନିର୍ବାଚନ ଖର୍ଚ୍ଚ ତଦାରଖ ଅଧିକାରୀ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀମାନେ ।

ସୋନପୁର,୧୯।୪(ମୃତ୍ୟୁଞ୍ଜୟ ଶତପଥୀ)

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ବ୍ୟବସ୍ଥିତ ଭାବେ ସମ୍ପାଦନ କରିବା ପାଇଁ ସୁବର୍ଣ୍ଣପୁର ଜିଲାସ୍ତରରେ ବିଭିନ୍ନ ଅଧିକାରୀଙ୍କୁ ନିୟୋଜିତ ପୂର୍ବକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅଧିକାରୀମାନେ ଯେପରି ଦାୟିତ୍ୱକୁ ସଠିକ ଓ ସୁଚାରୁ ରୂପେ ସମ୍ପାଦନ କରିବେ ସେଥିପାଇଁ ନିର୍ବାଚନ ପ୍ରଶିକ୍ଷକଙ୍କ ଦ୍ୱାରା ଭାରତର ନିର୍ବାଚନ ଆୟୋଗଙ୍କ ଗାଇଡଲାଇନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ସୋନପୁର ଓ ବଲାଙ୍ଗୀର ଲୋକସଭା କ୍ଷେତ୍ର ନିମନ୍ତେ ଆସନ୍ତା ମେ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନକୁ ନିରପେକ୍ଷ ଓ ବ୍ୟବସ୍ଥିତ ପରିଚାଳନା ନିମନ୍ତେ ନିୟୋଜିତ ନିର୍ବାଚନ ଖର୍ଚ୍ଚ ତଦାରଖ ଅଧିକାରୀ ଓ ରାଜନୈତିକ ପ୍ରାର୍ଥୀଙ୍କ ପ୍ରତିନିଧିଙ୍କୁ ଖର୍ଚ୍ଚ ପରିଚାଳନାର ବିଧି ବ୍ୟବସ୍ଥା ଉପରେ ଜିଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶୁକ୍ରବାର ପ୍ରଦାନ କରାଯାଇଛି। ଟିମ୍ ନୋଡାଲ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅୟୋଜିତ ଶିବିରରେ ପ୍ରଶିକ୍ଷକ ଭାବେ ବିକାଶ ରଞ୍ଜନ ମହାନ୍ତି ଓ ଜିଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ଦଳେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### କଂଗ୍ରେସ ଛାଡିଲେ ସୁନ୍ଦରଗଡ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସଞ୍ଜୟ ସାହୁ



**ସୁନ୍ଦରଗଡ,୧୯।୪(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ ଶୁକ୍ରବାର କଂଗ୍ରେସ ଛାଡ଼ିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ଜିଲା କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସଞ୍ଜୟ ୨୦୦୩ରୁ୨୦୦୭ ପର୍ଯ୍ୟନ୍ତ ଜିଲା ଛାତ୍ର କଂଗ୍ରେସ କମିଟି ସଭାପତି ରହିଥିବା ବେଳେ ୨୦୦୭ରୁ ୨୦୧୪ପର୍ଯ୍ୟନ୍ତ ଜିଲା ଯୁବ କଂଗ୍ରେସ କମିଟି ସଭାପତି ଓ ୨୦୧୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରୂପେ ଦାୟିତ୍ୱ ତୁଲାଉଥିଲେ। ସେ କଂଗ୍ରେସର ଯୁବ ସଂଗଠକ ଭାବେ ବେଶ ଜଣାଶୁଣା ଥିଲେ। ଏହାପୂର୍ବରୁ ଜିଲାର ଅନ୍ୟ ଜଣେ ନେତା ତଥା ପୂର୍ବତନ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଏଥିସହ ଅନ୍ୟତମ ନେତା ଜର୍ଜ ତିର୍କୀ ମଧ୍ୟ କଂଗ୍ରେସ ଛାଡ଼ି ସାରିଛନ୍ତି। ଏକଦା କଂଗ୍ରେସର ଗଡ଼ କୁହାଯାଉଥିବା ସୁନ୍ଦରଗଡ ଜିଲାରେ ଜଣକ ପରେ ଜଣେ ନେତା ଦଳ ଛାଡିବା ପରେ କର୍ମୀ ମହଲରେ ହତାଶାଭାବ ଦେଖାଦେଇଛି।

### ମା' ଠାକୁରାଣୀଙ୍କ ଘଣ୍ଟଯାତ୍ର ସମ୍ପନ୍ନ

**ଲାଞ୍ଜିଗଡ଼,୧୯।୪(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡର ମା' ଠାକରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ଶୁକ୍ରବାର ମହାସମାରୋହରେ ସମ୍ପନ୍ନ ହେଇଯାଇଛି। ମା'ଠାକୁରାଣୀ ଗତ ୯ ଦିନ ଧରି ଦ୍ୱାରଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେବା ପରେ ଶୁକ୍ରବାର ସକାଳେ ନିଜ ଆସ୍ଥାନ ବିରାଜମାନ କରିଛନ୍ତି। ପୂଜକ ଭକ୍ତଙ୍କ ପିଠିରେ ମା'ଙ୍କୁ ଆସ୍ଥାନକୁ ନେଇଥିଲେ। ମା' ଠାକୁରାଣୀଙ୍କ ଘଣ୍ଟଯାତ୍ର ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇଥିବାବେଳେ ଲାଞ୍ଜିଗଡ ରାଜ ଉଆସରୁ ମା'ଙ୍କ ଘଣ୍ଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରି ପୂଜକମାନେ ଆହ୍ୱାନ କରିଥିଲେ। ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ଓ ଜମ୍ବେଶ୍ୱର ପୂଜାରୀ ମା'ଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରି ଥିବା ବେଳେ ମହେଶ୍ୱର ପ୍ରଧାନୀ ମା'ଙ୍କ ଛତର ଧରି ଅଞ୍ଚଳର ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଦୀର୍ଘ ୮ ଦିନ ବିଭିନ୍ନ ଗାଁକୁ ଯାଇ ଭକ୍ତମାନଙ୍କ ଘରେ ପୂଜା ପାଇବା ପରେ ନବମ ଦିନ ନିଜ ମନ୍ଦିରରେ ଗୋଟିଏ ଦିନ ପାଇଁ ବିଶ୍ରାମ ନେଇଥିଲେ। ପୁଣି ସେହିଦିନ ସନ୍ଧ୍ୟାରେ ଲାଞ୍ଜିଗଡ ରାଜାଙ୍କ ଘରକୁ ଯାଇ ପୂଜା ପାଇବା ପରେ ନବମ ଦିବସ ରାତିସାରା ଲାଞ୍ଜିଗଡ ସହରର ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ମା'ଙ୍କ ସେବକ ପୂଜାରୀ ପଡ଼ାରୁ ଏକ ବିରାଟ ଆଡୁଆଳରେ ମନ୍ଦିରକୁ ଆଣିଥିଲେ। ପୂଜାରୀପଡାବାସୀ ନିଜ ଦ୍ୱାର ସାମ୍ନାରେ ଚିତା ଆଙ୍କି ଘଣ୍ଟ, ଘଣ୍ଟା, ଶଙ୍ଖ, ଖୋଳତାଳ ବାଦ୍ୟରେ ମା'ଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ।

# ୫ ବର୍ଷର ରିପୋର୍ଟ କାର୍ଡ ପ୍ରଦାନ କଲେ କୁସୁମ

**ସୁନ୍ଦରଗଡ଼,୧୯।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଧାନସଭା ଭାଜପା ପ୍ରାର୍ଥିନୀ ତଥା ବିଧାୟିକା କୁସୁମ ଟେଟେ ତାଙ୍କ ୫ ବର୍ଷ କାର୍ଯ୍ୟକାଳ ଭିତରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଏକ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି । ଶୁକ୍ରବାର ଭାଜପା ଜିଲା ପୁରୁଣା କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଧାୟିକା ଟେଟେ ଏହି ରିପୋର୍ଟ କାର୍ଡ ପ୍ରଦାନ କରି କହିଛନ୍ତି ଯେ, ସେ ବିଧାୟିକା ଥିବା ପ୍ରଥମ ଦୁଇବର୍ଷ କରୋନା ମହାମାରୀ ଯୋଗୁ ପାଣ୍ଠି ବନ୍ଦ ସତ୍ତ୍ୱେ ସୁନ୍ଦରଗଡ଼ବାସୀଙ୍କ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ପ୍ରଥମ ଦୁଇ ବର୍ଷ କରୋନା ସମୟରେ ବନବାସୀ କଲ୍ୟାଣ ଆଶ୍ରମ ଓ ଏନ୍‌ଟିପିସି ମେଡିକାଲ ସମ୍ମୁଖରେ ମାସାଧିକ କାଳ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଛନ୍ତି। ଗାଁ ଓ ବସ୍ତି ଅଞ୍ଚଳରେ ଅସୁବିଧାରେ ଥିବା ବିଭିନ୍ନ ବର୍ଗଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ଏହାସହିତ ହେମଗିରବାସୀଙ୍କ ଦୀର୍ଘଦିନ ଦାବି ବଲିଙ୍ଗା -ଟପରିଆ ରାସ୍ତା ପାଇଁ ବିଧାନସଭା ଘେରାଉ କରି ଆଜି ହକ୍ ହାସଲ କରିପାରିଛନ୍ତି । ରାସ୍ତା କାମ ସରିଛି। ବିଭିନ୍ନ ଦୁର୍ଗମ ଅଞ୍ଚଳରେ ପକ୍କା ରାସ୍ତା, ପ୍ରତି ଘରକୁ ପିଇବା ପାଣି, ପ୍ରତି ଛକରେ ହାଇମାଷ୍ଟ ଲାଇଟ, ୨୫୦ଟି ଗୋଷ୍ଠୀ କେନ୍ଦ୍ର,୧୯୦ ଟି ଖୋଲାମଣ୍ଡପ, ତସଲାଡ଼ିହି ଠାରେ ମିନି ଷ୍ଟାଡିୟମ, କଲେଜ ବାଇପାସର ରାସ୍ତା ନିର୍ମାଣ, ସରକାରୀ କଲେଜକୁ ନୂତନ ଭାବେ ରୂପାନ୍ତରୀକରଣ, ରଙ୍ଗାଢିପା ଦୁର୍ଗାମଣ୍ଡପକୁ ବିଧାୟକ ପାଣ୍ଠି ପ୍ରଦାନ, ସୁନାରୀପଡା ଭାଗବତ ମନ୍ଦିରରେ ମଣ୍ଡପ ନିର୍ମାଣ, ରାଜବାଟୀ ଜଗନ୍ନାଥ ମନ୍ଦିର ରୂପାନ୍ତରୀକରଣ, ପୋଷ୍ଟ ଅଫିସ ସମ୍ମୁଖରେ ନୂତନ କଲ୍ୟାଣ ମଣ୍ଡପ, ଦୟା ଧର୍ମଶାଳା ପୁନଃରୁଦ୍ଧାର, ଶଙ୍କରା ଠାରେ ନିଦାନ କେନ୍ଦ୍ର ପ୍ରଭୃତି ନିର୍ମାଣ ହୋଇଛି । ଏହାଛଡା ଜଳସେଚନ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଇବ୍ ନଦୀ ଉପରେ ବ୍ୟାରେଜ ନିର୍ମାଣର ଦାବି ହାସଲ ତାଙ୍କ ବିଧାୟକ ସମୟରେ ହୋଇପାରିଛି। ତାଙ୍କ ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଦାବି କରି ସରଡେଗା -ଝାରସୁଗୁଡା ପାସେଞ୍ଜର ଟ୍ରେନ ରେଳ ଲାଇନ ଆରମ୍ଭ ହୋଇ ପାରିଛି। ଯଦି ସୁନ୍ଦରଗଡ଼ବାସୀ ଆଶୀର୍ବାଦ କରନ୍ତି ଅଧୁରା ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ବୋଲି ଖବରଦାତା ସମ୍ମିଳନୀରେ ବିଧାୟିକା ଟେଟେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ସନ୍ତୋଷ ଅମାତ, ସ୍ୱଚ୍ଛଭାରତ ରାଜ୍ୟ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜମିର ହୁସେନ, ସୁରେନ୍ଦ୍ର ଭିତିରିଆ ପ୍ରମୁଖ ଉପସ୍ଥିତ ରହି ସୁନ୍ଦରଗଡର ବିକାଶ ପାଇଁ କୁସୁମଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ କୁସୁମ ଟେଟେ ଓ ଅନ୍ୟମାନେ।

# ପ୍ରେମିକ ହତ୍ୟାକାରୀ ପ୍ରେମିକାଙ୍କୁ ୧୦ବର୍ଷ ଜେଲ୍

**ସୁନ୍ଦରଗଡ,୧୯।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଟାଉନଥାନା ଅନ୍ତର୍ଗତ ରାଜାମୁଣ୍ଡାଠାରେ ନିଜ ପ୍ରେମିକଙ୍କୁ ପ୍ରେମିକା ପଥରରେ ଛେଚି ହତ୍ୟା କରିବା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ଏହି ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ କୁନି ବର୍ଲିଆ(୨୮)ଙ୍କୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୨ମାସ ଜେଲଦଣ୍ଡ ପାଇଁ ଜିଲା ଦୌରାଜଜ୍ ତାଙ୍କ ରାୟରେ ଆଦେଶ କରିଛନ୍ତି।

ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ବନ୍ଧପାଲି ଗ୍ରାମର ସଞ୍ଜୀବ ଦଣ୍ଡସେନାଙ୍କ ସହିତ ଧରୁଆଡିହି ଥାନା ଅନ୍ତର୍ଗତ ଜରମାଲ ଗ୍ରାମର କୁନିଙ୍କ ପ୍ରେମ ସମ୍ପର୍କ ରହିଥିଲା । ସଞ୍ଜୀବ କୁନିଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ମିଳାମିଶା କରୁଥିଲେ। ମାତ୍ର ସେ ଅନ୍ୟତ୍ର ବିବାହ କରୁଥିବା ଖବର କୁନି ଜାଣିବାକୁ ପାଇଥିଲେ । ଏଥିରେ ପ୍ରତିହିଂସା ପରାୟଣ ହୋଇ ଯୁବତୀ ଜଣକ ପ୍ରେମିକଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ କୁନି ଫୋନ କରି ସଞ୍ଜୀବଙ୍କୁ ଗତ ତା ୪।୬।୨୦୧୭ ରିଖରେ ସୁନ୍ଦରଗଡ ଡକାଇଥିଲେ। ସେ ପହଞ୍ଚିବା ପରେ ଦୁହେଁ ମିଶି ସୁନ୍ଦରଗଡ ହସ୍ପିଟାଲ ଛକରେ ଥଣ୍ଡା ପିଇଥିଲେ। ପରେ ଉଭୟେ ଭବାନୀପୁର ରାଜାମୁଣ୍ଡା ନିକଟରେ ଏକ ଧାନ ବିଲ ହିଡ ପାଖ ବୁଦା ନିକଟରେ ବସିଥିଲେ। ପ୍ରେମାଳାପ ମଧ୍ୟରେ ଯୁବତୀ ଜଣକ କୌଶଳ କ୍ରମେ ପ୍ରେମିକଙ୍କ ହାତ ଗୋଡକୁ ନିଜ ଓଢଣୀରେ ବାନ୍ଧି ପକାଇ ଥିଲେ। ଏହାପରେ କୁନି ପ୍ରେମିକ ସଞ୍ଜୀବଙ୍କ ମୁଣ୍ଡକୁ ପଥରରେ ଛେଚିବା ସହ ଛୁରୀରେ ବେକକୁ କାଟି ହତ୍ୟା କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାର ପରଦିନ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ନେଇ କିରେଇ ସରପଞ୍ଚ ସୁନ୍ଦରଗଡ ଟାଉନଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ଆଧାରରେ ପୋଲିସ ଟାଉନ ଥାନା (ନଂ ୯୬/୨୦୨୪)ରେ ଏକ ହତ୍ୟା ମାମଲା ରୁଜୁ କରିଥିବା ବେଳେ ତତ୍କାଳୀନ ଥାନା ଆଇଆଇସି ଠାକୁର ଦାସ ମୁର୍ମୁ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଉଭୟଙ୍କ ଫୋନ କଲ୍ ଯାଞ୍ଚ ପରେ ଘଟଣାର ପର୍ଦାଫାଶ କରିଥିଲା ପୋଲିସ। ପ୍ରେମିକା କୁନିଙ୍କୁ ପୋଲିସ ଗିରଫ କରିଥିଲା । ଗିରଫ ପରେ ସଞ୍ଜୀବଙ୍କୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ପ୍ରେମିକା ସ୍ୱୀକାର କରିଥିଲେ। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ। ସରକାରଙ୍କ ପକ୍ଷରୁ ଏହି ମାମଲା ପବ୍ଲିକ ପ୍ରସିକ୍ୟୁଟର ଦିଲିପ କୁମାର ମୁର୍ମୁ ପରିଚାଳନା କରୁଥିଲେ।

# ମେ' ୨ୟ ସପ୍ତାହରେ କିର୍ମିରାରେ ଶକ୍ତିମେଳା

**ଝାରସୁଗୁଡ଼ା,୧୯।୪ (ସଞ୍ଜୟ ମାଲି)**

ସମ୍ମିଳିତ ଆଦିବାସୀ ସମାଜର ଏକ ବୈଠକ ଶୁକ୍ରବାର କାପୁମାଲ ଗୋଁଣ୍ଡ ଭବନଠାରେ ସଙ୍ଗଠନର ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ ଆଦିବାସୀ ସମାଜ ଗୋଁଣ୍ଡ, କିଷାନ, ଓରାମ, ମୁଣ୍ଡା, ଖଡିଆ, ଭୂୟାଁ, ସବର, ସହରା, କୋହ୍ଲ, କନ୍ଧ, ବନଜାରା ଆଦିକୁ ନେଇ ଆସନ୍ତା ମେ ଦ୍ୱିତୀୟ ସପ୍ତାହରେ ୩ଦିନ ବ୍ୟାପୀ କିର୍ମିରା ବ୍ଲକଠାରେ ଆଦିବାସୀ ଶକ୍ତି ମେଳା ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ଏହି ମେଳାରେ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଆଦିବାସୀ ନେତୃମଣ୍ଡଳୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସମ୍ମିଳିତ ଆଦିବାସୀ ସମାଜ କର୍ମକର୍ତ୍ତା ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବା କଥା ଦୋହରାଇଥିଲେ।



ବୈଠକରେ ଉପସ୍ଥିତ ଆଦିବାସୀ ସମାଜ କର୍ମକର୍ତ୍ତା।

**ସମ୍ମିଳିତ ଆଦିବାସୀ ସମାଜର ବୈଠକ**

ବୈଠକରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ପ୍ରମୁଖ ସଚିବ ଅଶୋକ ମାଝି, କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ପ୍ରେମସାଗର ଧୁରୁଆ, ଡମ୍ବରୁଧର ନାଏକ, ବାସୁଦେବ ଧୁରୁଆ, ରାଜେଶ ନେଟି, ତ୍ରିଲୋଚନ ଡନସନା, ଧର୍ମେନ୍ଦ୍ର କିଷାନ, ବୀରେନ ମରେଇ, ପ୍ରେମାନନ୍ଦ ବିଶ୍ୱାଳ, ରାଜେଶ ମୁଣ୍ଡା, ମୋହନ ସବର ପ୍ରମୁଖ ଉପସ୍ଥିତ ଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କୋମନା,୧୯।୪(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ତ୍ରିନାଥ ଯଜ୍ଞ କମିଟି ଆନୁକୂଲ୍ୟରେ ଗତ ମଙ୍ଗଳବାରରୁ ଚାଲିଥିବା ଅଖଣ୍ଡ ନାମଯଜ୍ଞ ଶୁକ୍ରବାର ପୂର୍ବାହ୍ନ ୯ଟାରେ ନାମ ସମାପନ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ଅଜୟ କୁମାର ପଣ୍ଡା ଓ ନିରଜା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ଜିଲାର ବୁଦ୍ଧିକୋମନା ଜୟ ତ୍ରିନାଥ ସଂକୀର୍ତ୍ତନ ଦଳ, ଦାନଝଲାର ଜୟ ଗଣେଶ ସଂକୀର୍ତ୍ତନ ଦଳ, ଡୋଙ୍ଗରିପାଲିର ଜୟଚକ୍ର ଭୈରବ ସଂକୀର୍ତ୍ତନ ଦଳ, ବଲାଙ୍ଗୀରର ରାଧାକୃଷ୍ଣ ମହିଳା ସଂକୀର୍ତ୍ତନ ଦଳ ଦେଶଣ୍ଡେ, ଜୟ ମାଧବ ସଂକୀର୍ତ୍ତନ ଦଳ ରେଙ୍ଗାଲି ଓ ବରଗଡ଼ର ତାରାଗୁରୁ ସଂକୀର୍ତ୍ତନ ଦଳ ରୂପପାଲୀ ଏଭଳି ୬ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ।

# ଜିଲାପାଳଙ୍କ ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ



ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ।

**ଝାରସୁଗୁଡ଼ା, ୧୯।୪ (ସଞ୍ଜୟ ମାଲି)**

ଝାରସୁଗୁଡ଼ା ଜିଲାପାଳ ଅବୋଲି ସୁନୀଲ ନରୱଣେ ଶୁକ୍ରବାର ସହର ମଧ୍ୟରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ରୋଗୀଙ୍କ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଥିଲେ। କିଛିଦିନ ହେବ ଝାରସୁଗୁଡ଼ାରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଏପରିକି ପୂର୍ବାହ୍ନ ୧୧ଟା ପରେ ଘରୁ ବାହାରି ହେଉନାହିଁ। ଏହି ପରିପ୍ରେକ୍ଷୀରେ ଜିଲାପାଳ ମଙ୍ଗଳବଜାର ଓ ପଞ୍ଚପଡ଼ାଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ ଅଂଶୁଘାତ ରୋଗୀଙ୍କ ପାଇଁ ଜରୁରିକାଳୀନ ସାମଗ୍ରୀ ଅଛି କି ନାହିଁ ତାହା ପଚାରି ବୁଝିଥିଲେ। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ।

# ଜର୍ଜ ସେନା ବିଜେଡିରେ ମିଶିଲା

**ନୂଆଗାଁ,୧୯।୪(ବିଜୟ ତ୍ରିପାଠୀ )**

ଶୁକ୍ରବାର ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ଓ କୁଆଁରମୁଣ୍ଡାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ କାର୍ଯ୍ୟ, ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ସୁନ୍ଦରଗଡ଼ ଜିଲାର ସହ-ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ ଏବଂ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ସେନାପତିଙ୍କ ଉପସ୍ଥିତିରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ଼ ଜିଲାର ଟାଣୁଆ ଆଦିବାସୀ ନେତା ଜର୍ଜ ତିର୍କୀ ନିଜର ୨୦୦୦ରୁ ଊର୍ଦ୍ଧ୍ୱ ସମର୍ଥକ ତଥା ଜର୍ଜ ସେନାର କର୍ମୀମାନଙ୍କ ସହ ଆନୁଷ୍ଠାନିକ ଭାବେ ବିଜେଡ଼ିରେ ସାମିଲ ହେବା ସହ ଜର୍ଜ ସେନା ଆଜି ବିଜେଡ଼ିରେ ବିଲୀନ ହେଲା ବୋଲି ଜର୍ଜ ତିର୍କୀ ଘୋଷଣା କରିଛନ୍ତି। ଏଥିସହ ଆଗାମୀ ସାଧାରଣ ନିର୍ବାଚନରେ ୭ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ସହ ଦିଲ୍ଲୀପ ତିର୍କୀଙ୍କୁ ସାଂସଦ ରୂପେ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଜର୍ଜ ଓ ଜର୍ଜ ସେନାର କର୍ମୀମାନେ ଶପଥ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ଦିଲ୍ଲୀପ ତିର୍କୀ, ବିଧାୟକ ପ୍ରାର୍ଥୀ ରୋହିତ ଜୋଶେଫ ତିର୍କି, ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ, ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ପୌରାଧ୍ୟକ୍ଷା ନିବେଦିତା ବାଗେ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେର୍କେଟା, ଝିରପାଣି ସମିତି ସଭ୍ୟା ପ୍ରତିମା ପାତ୍ର, ନୂଆଗାଁ ବ୍ଲକ ବିଜେଡ଼ି ସଭାପତି ଦିଗାମ୍ବର ଦାଶ, ବିଶ୍ରା ବ୍ଲକ ଯୁବ ବିଜେଡ଼ି ସଭାପତି ସୋମନାଥ ରାହା, ନୂଆଗାଁ ବ୍ଲକ ଛାତ୍ର ବିଜେଡ଼ି ସଭାପତି ମହେନ୍ଦ୍ର ବଡେଇକ, ପ୍ରଭୁ ସାହୁ, ବିଶ୍ରା ବ୍ଲକ ଛାତ୍ର ବିଜେ ସଭାପତି ସଦ୍ଦାମ ଖାନ, ବରିଷ୍ଠ ନେତା ସୁଲେମାନ କାଉଡିଆ, ପ୍ରକାଶ ସାହୁ, ରଞ୍ଜନ ଓଝା, ପ୍ରଦୀପ ସାହୁ, ମୁନ୍ନା ଆଚାର୍ଯ୍ୟ, ସାହିଦ ଆଲାମ, ଜଗଦୀଶ ଅଗ୍ରୱାଲ, ଗୋପାଳ ସିଂ, ଶଙ୍କର ଗଞ୍ଜୁ, ଉତ୍କଳ ବଡେଇକ, ବିନୋଦ ସାହୁ, ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।



# ବ୍ରଜରାଜନଗରରେ ବିଜେଡିର ଶକ୍ତି ପ୍ରଦର୍ଶନ

**ବ୍ରଜରାଜନଗର,୧୯।୪(ବିଜୟ ବରାଡ଼)**

ବ୍ରଜରାଜନଗର ବିଧାନସଭା ପ୍ରାର୍ଥୀ ଭାବେ ଅଳକା ମହାନ୍ତିଙ୍କ ନାମ ଘୋଷଣା ପରେ ଶୁକ୍ରବାର ପ୍ରଥମ କରି ବିଜୁ ଜନତା ଦଳ ତା'ର ଶକ୍ତି ପ୍ରଦର୍ଶନ କରିଛି। ସହରର ମାଉସୀମା' ମନ୍ଦିରଠାରୁ ଦଳର ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ମହିଳାପୁରୁଷ ସାମିଲ ହୋଇଥିଲେ। ଏହି ସମୟରେ ବିଭିନ୍ନ ସଂଗଠନ ତରଫରୁ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରାରେ ଝାରସୁଗୁଡା ବ୍ଲକ ଅଧୀନରେ ଥିବା ରାଜପୁର, ଚାନ୍ଦିନୀମାଳ ଓ କୁଦପାଲି ପଞ୍ଚାୟତର କର୍ମୀଙ୍କ ସମେତ ବ୍ରଜରାଜନଗର ପୌରାଞ୍ଚଳର ନଗରପାଳ ଯାଜ୍ଞସେନୀ ଓରାମ, ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ବରିଷ୍ଠ ନେତା ମହେନ୍ଦ୍ର ନାୟକ, ନୃପ ତାଣ୍ଡିଆ, ନାରୀ ନେତ୍ରୀ ସାଧନା ସାମନ୍ତରାୟ, କୁମୁଦିନୀ ଗରୁଡ, ଛାତ୍ରନେତା ଲଳିତ ତନ୍ତୀ, ଗୋବିନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ। ପରେ ଠାକୁର ପଡ଼ାଠାରେ ଏକ ଜନ ସମ୍ପର୍କ ସମାବେଶ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ ପରିଚାଳନା କରିଥିଲେ।

# ତାଡକା ବଧ, ଅହଲ୍ୟା ଉଦ୍ଧାର

**ବଡ଼ଗାଁ ରାମଲାଲ ଯାତ୍ରା**

**ବଡ଼ଗାଁ୧୯।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଦେବ ମଣ୍ଡପ ଠାରେ ବୁଧବାର ରାତିରୁ ଆରମ୍ଭ ହୋଇଥିବା ରାତ୍ରୀକାଳୀନ ରାମଲୀଳା ଯାତ୍ରାର ଦ୍ୱିତୀୟ ରଜନୀରେ ତାଡକା ବଧ ଓ ଅହଲ୍ୟା ଉଦ୍ଧାର ବିଷୟବସ୍ତୁ ମଞ୍ଚସ୍ଥ ହୋଇଛି। ଗ୍ରାମର କଳାକାରମାନେ ରାମାୟଣରେ ବର୍ଣ୍ଣିତ ଦୃଶ୍ୟର ଚରିତ୍ର ଗୁଡିକୁ ବେଶ ଫୁଟାଇ ପାରିଥିଲେ। ରାମଚନ୍ଦ୍ର, ଲକ୍ଷ୍ମଣ, ବିଶ୍ୱାମିତ୍ର, ରାଜା ଦଶରଥ, ସୁବାହୁ, ତାଡକାସୁର, ମାରୀଚ, ଅହଲ୍ୟା ଭୂମିକାରେ ଯଥାକ୍ରମେ, ଅଭିଳାଷ ପାଣିଗ୍ରାହୀ, ଦୀପକ ପୃଷେଟ, ସୋନୁ ପାଣିଗ୍ରାହୀ, ଭିକାରୀ ଚରଣ ସା, ପ୍ରଦୀପ୍ତ ନାୟକ, ସାଗର ସା, ଅବିନାଶ ପଣ୍ଡା ଅଭିନୟ କରିଥିଲେ। ପରିବେଷିତ ବିଷୟବସ୍ତୁ ଅନୁଯାୟୀ ଋଷି, ମୁନିଗଣଙ୍କ ଯଜ୍ଞ ସ୍ଥଳରେ ଅସୁରମାନେ ବିଷ୍ଠା ନିକ୍ଷେପ କରି ବିଭ୍ରାଟ ସୃଷ୍ଟି କଲେ। ଅସୁରଙ୍କ ଉତ୍ପାତରେ ଋଷୀମୁନି ଗଣ ତ୍ରାହି ତ୍ରାହି ଡାକଦେଲେ। ଭୀତତ୍ରସ୍ତ ଋଷି ବିଶାମିତ୍ର ରାଜା ଦଶରଥଙ୍କ ପାଖକୁ ଯାଇ ଶ୍ରୀରାମଙ୍କୁ ତାଙ୍କ ସହିତ ପଠାଇ ଅସୁର ନିପାତ ଯଜ୍ଞ କର୍ମ ସମ୍ପୂର୍ଣ୍ଣ କରିବାକୁ ଜଣାଇଲେ। ରାଜା ଦଶରଥଙ୍କ ଆଜ୍ଞା ପାଳନ କରି ରାମ ଓ ଲକ୍ଷ୍ମଣ ଋଷି ବିଶ୍ୱାମିତ୍ରଙ୍କ ସହିତ ବନ ଗମନ କଲେ। ସେଠାରେ ତାଡକାସୁର, ସୁବାହୁ ଆଦି ରାକ୍ଷସ ମାନଙ୍କୁ ନିପାତ କଲାପରେ ଯଜ୍ଞ ସ୍ଥଳର ସୁରକ୍ଷା ଦେଇ ଯଜ୍ଞ କର୍ମ ସମ୍ପୂର୍ଣ୍ଣ କଲେ। ଏହାପରେ ରାମଚନ୍ଦ୍ର ଓ ଲକ୍ଷ୍ମଣ ଅଯୋଧ୍ୟା ଅଭିମୁଖେ ପ୍ରସ୍ଥାନ କଲେ। ମିଥିଳା ରାଜ୍ୟ ଦେଇ ଗଲାବେଳେ ଗୌତମ ମୁନିଙ୍କ ଅଭିଶାପ ରେ ପାଶାଣୀ ପାଲଟିଥିବା ଅହଲ୍ୟା ଶ୍ରୀରାମ ଙ୍କ ପାଦ ସ୍ପର୍ଶରେ ଏକ ଅପୂର୍ବ ସୁନ୍ଦରୀ ରୂପ ନେଇଥିଲେ। ଖୋଲା ମଞ୍ଚରେ ଅଭିନୀତ ବିଭିନ୍ନ ଚରିତ୍ରର ଦୃଶ୍ୟ ଗୁଡିକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

# ଭାଜପା କାର୍ଯ୍ୟକର୍ତ୍ତା, କର୍ମୀଙ୍କୁ ନେଇ ନିର୍ବାଚନୀ ବୈଠକ

- ସାଂସଦ ପ୍ରାର୍ଥି ଜୁଏଲ ଦେଲେ ଗୁରୁମନ୍ତ୍ର,
- ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କହିଲେ ଆଗକୁ ମିଶ୍ରଣ ପର୍ବ

**ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)**

ଶୁକ୍ରବାର ରାଉରକେଲା ହୋଟେଲ ମେଫେୟାର, ହକି ଭିଲେଜ ଠାରେ ରାଉରକେଲା ବିଧାନସଭା କ୍ଷେତ୍ରୀୟ ଭାଜପା କାର୍ଯ୍ୟକର୍ତ୍ତା ଏବଂ କର୍ମୀମାନଙ୍କୁ ନେଇ ୨୦୨୪-ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ମଧ୍ୟରେ ଦଳ ପ୍ରତି ଥିବା ଆନ୍ତରିକତାକୁ ପ୍ରଶଂସା କରିଥିଲେ। ପରେ ସୁନ୍ଦରଗଡ ସାଂସଦ ପ୍ରାର୍ଥି ଜୁଏଲ ଓରାମ ତାଙ୍କ ବକ୍ତବ୍ୟରେ ସମସ୍ତ କାର୍ଯ୍ୟକର୍ତ୍ତା ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହିତ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଭାଜପା ମନୋନୀତ ସମସ୍ତ ବିଧାନସଭା ଓ ଲୋକସଭା ପ୍ରାର୍ଥିଙ୍କୁ ବିଜୟୀ କରାଇବା ପାଇଁ ରଣନୈତିକ ଗୁରୁମନ୍ତ୍ର ମଧ୍ୟ ଦେଇଥିଲେ। ରାଉରକେଲା ବିଧାନସଭା ପ୍ରାର୍ଥି ଦିଲ୍ଲୀପ ରାୟ ତାଙ୍କ ବକ୍ତବ୍ୟରେ ବୈଠକରେ ସମ୍ମିଳିତ ସମସ୍ତ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ଆନ୍ତରିକତାର ସହ କାମ କରିବାକୁ ପରାମର୍ଶ ଦେବା ସହିତ ଭାଜପାର ମୂଳ ଶକ୍ତି ହେଉଛନ୍ତି ଦେଶର ଜନତା,ଦେଶର ଜନତା ଜନାର୍ଦ୍ଦନ ମୋଦୀଙ୍କର ଗ୍ୟାରେଣ୍ଟିକୁ ପରଖି ସାରିଛନ୍ତି। ଆଗକୁ ଭାଜପାରେ ମିଶ୍ରଣର ସୁଅ ଛୁଟିବ ବୋଲି କହିଥିଲେ। ଭାଜପା ପକ୍ଷରୁ ଆୟୋଜିତ ନିର୍ବାଚନୀ ବୈଠକରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟା, ରାଜ୍ୟ ଭାଜପା ମୁଖପାତ୍ର ଧିରେନ ସେନାପତି, ଲୋକସଭା କ୍ଷେତ୍ର ବିସ୍ତାରକ ଆଶିଷ ଠାକୁର, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁ ବଳ, ପୂର୍ବତନ ଜିଲା ସଭାପତି ଜଗବନ୍ଧୁ ବେହେରା ପ୍ରମୁଖ ଭାଜପା ପ୍ରାର୍ଥିଙ୍କୁ ବିଜୟୀ କରିବା ପାଇଁ ତୃଣମୂଳ ସ୍ତରରେ ଆଭିମୁଖ୍ୟ ଜୋରଦାର କରିବାକୁ କହିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପରୋକ୍ତ ନେତୃବୃନ୍ଦଙ୍କର ସହିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲା ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଶଶାଙ୍କ ଜେନା, ପ୍ରଭାରୀ ଶଙ୍କର ପୂଝାରୀ, ରାଉରକେଲା ସଂଯୋଜକ ଦିଲ୍ଲୀପ ପଟ୍ଟନାୟକ, ପୂର୍ବତନ ଅଳ୍ପସଂଖ୍ୟକ ରାଜ୍ୟ ଉପସଭାପତି ସଲାଲ ଉଦ୍ଦୀନା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ନେତା ହରି ରାଉତରାୟ ଓ ରିତ ନାୟକ ସଂଯୋଜନା କରିଥିଲେ। ବୈଠକରେ ସହସ୍ରାଧିକ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀ ସମ୍ମିଳିତ ରହିଥିଲେ।



ବୈଠକରେ ଦିଲ୍ଲୀପ ରାୟ ନିଜ ବକ୍ତବ୍ୟ ରଖୁଛନ୍ତି।

## ସଂକ୍ଷେପରେ

### ବୁର୍ଲା ଡିଏଭିରେ ମହାତ୍ମା ହଂସରାଜ ଜୟନ୍ତୀ

ସମ୍ବଲପୁର,୧୯।୪(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଡିଏଭି ବିଦ୍ୟାଳୟରେ ମହାତ୍ମା ହଂସରାଜଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା । ଡିଏଭି ଆନ୍ଦୋଳନର ପ୍ରତିଷ୍ଠାତା ମହାତ୍ମା ହଂସରାଜଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ମହର୍ଷି ଦୟାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ମହାତ୍ମା ହଂସରାଜଙ୍କ ଶିକ୍ଷା ତଥା ଭାରତୀୟ ସଂସ୍କୃତି ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଶିକ୍ଷକ ଶଶଧର ପତି ସ୍ୱରଚିତ କବିତା ପାଠ କରିଥିଲେ। ସଙ୍ଗୀତ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାଶ ଓମ୍‌କାର ଧ୍ୱନିକୁ ନେଇ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଅଭୟ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ରକ୍ଷଣାବେକ୍ଷଣ କାର୍ଯ୍ୟ: ରେଳ ଚଳାଚଳରେ ପରିବର୍ତ୍ତନ

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର):

ରେଳବାଇ ସୁରକ୍ଷା ଜନିତ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସମ୍ବଲପୁର ରେଳ ମଣ୍ଡଳ ଅଧୀନ କେତେକ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ କରାଯାଇଥିବା ନେଇ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଟ୍ରେନ୍ ନମ୍ବର ୦୮୨୬୩ ଓ ୦୮୨୬୪ ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ୍‌କୁ ଉଭୟ ଦିଗରୁ ଏପ୍ରିଲ ୨୦ରେ ବାତିଲ କରାଯାଇଛି। ସେହିପରି ଟ୍ରେନ୍ ନମ୍ବର ୧୨୮୯୩ ଭୁବନେଶ୍ୱର-ସୋନପୁର ଏକ୍ସପ୍ରେସ୍ ଏପ୍ରିଲ ୨୦ରେ ସୋନପୁର ନ ଯାଇ ସମ୍ବଲପୁରରେ ରହଣି କରିବ। ଟ୍ରେନ୍ ନମ୍ବର ୧୨୮୯୪ ସୋନପୁର-ଭୁବନେଶ୍ୱର ଟ୍ରେନ୍ ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ଉକ୍ତ ଦିନ ସମ୍ବଲପୁର-ସୋନପୁର ମଧ୍ୟରେ ରେଳ ଚଳାଚଳ ବନ୍ଦ ରହିବ। ଏହାବ୍ୟତୀତ ଏପ୍ରିଲ ୨୦ରେ ଜଗଦଲପୁର-ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଟ୍ରେନ୍ ନମ୍ବର ୧୮୦୦୬ ଜଗଦଲପୁର ବଦଳରେ ଟିଟିଲାଗଡ଼ରୁ ଛାଡ଼ିବ। ତେବେ ଟିଟିଲାଗଡ଼ରୁ ୧ଘଣ୍ଟା ବିଳମ୍ବରେ ଅର୍ଥାତ୍ ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୨ଟା ୪୫ ପରିବର୍ତ୍ତେ ୩ଟା ୪୫ରେ ହାଓଡ଼ା ଅଭିମୁଖେ ଛାଡ଼ିବ।

### ୫ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କଲା ପୋଲିସ

କୁଚିଣ୍ଡା,୧୯।୪(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ଥାନା ଅନ୍ତର୍ଗତ ବାବେୟୁରୀ ଓ ବଦାଗଡ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ଚଢାଉ କରି କୁଚିଣ୍ଡା ପୋଲିସ ମଦ ରନ୍ଧାପାଇଁ ପ୍ରସ୍ତୁତ ୩ କୁଇଣ୍ଟାଲ ମହୁଲପୋଚ ନଷ୍ଟ କରିଛି। ସେହିପରି ଗୋବିନ୍ଦପୁର ଥାନା ଅନ୍ତର୍ଗତ ହରିପଡା ଜଙ୍ଗଲରେ ପୋଲିସ ଚଢାଉ କରି ୨ କୁଇଣ୍ଟାଲ ମହୁଲପୋଚ ନଷ୍ଟ କରିଛି। ଏହିସବୁ ବେଆଇନ ମହୁଲପୋଚ ମଦରନ୍ଧା ପାଇଁ ପ୍ରସ୍ତୁତ ହୋଇଥିଲା। ଉଭୟ ଥାନା ପୋଲିସ ଖବର ପାଇ ଏହାକୁ ନଷ୍ଟ କରିଛି।

### ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

ପାଇକମାଲ, ୧୯।୪ (ବଡ ଶତପଥୀ)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ବରଗଡ଼ ଜିଲା ନୃସିଂହନାଥ ମନ୍ଦିର ଭୋଗମଣ୍ଡପରେ ଶୁକ୍ରବାର ଆଗାମୀ ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ଓଡୁ ଏଥିରେ ସଭାପତିତ୍ୱ କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରି ମହାପ୍ରଭୁ ନୃସିଂହ ଠାକୁରଙ୍କ ଜନ୍ମ ମହୋତ୍ସବ ବା ବୈଶାଖ ମେଳା କିପରି ସୁରୁଖୁରରେ ପାଳନ କରାଯିବ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସ୍ଥାନୀୟ ପୋଲିସ, ବିଦ୍ୟୁତ୍, ଅବକାରୀ, ଅଗ୍ନିଶମ, ସ୍ୱାସ୍ଥ୍ୟ, ପରିମଳ, ଜଙ୍ଗଲ ଓ ପରିବେଶ ପ୍ରଭୃତି ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ବୈଶାଖ ମେଳା ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଆସନ୍ତା ମେ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ମେଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଶିକ୍ଷାକୁ ନେଇ ଲେନିନ୍-ରବି ବାକ୍‌ଯୁଦ୍ଧ

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର):



ଲେନିନ ମହାନ୍ତି



ରବି ନାଏକ

ସମ୍ବଲପୁରରେ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ଶୂନ୍ୟ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତିଙ୍କ ଉକ୍ତିର ଜବାବ ରଖିଛନ୍ତି କୁଚିଣ୍ଡା ଭାଜପା ବିଧାୟକ ପ୍ରାର୍ଥୀ ରବି ନାଏକ। ସେ କହିଛନ୍ତି, ବିଜେଡି ମୁଖପାତ୍ରଙ୍କ ବିବୃତ୍ତି ଅତ୍ୟନ୍ତ ହାସ୍ୟାସ୍ପଦ। ସେ ମିଛ କହି ଭୋଟରଙ୍କ ନିକଟତର ହେବାକୁ ବିଫଳ ପ୍ରୟାସ କରୁଛନ୍ତି। ସମ୍ବଲପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ସଂଖ୍ୟାର ସ୍ଥିତି ଅତ୍ୟନ୍ତ ଶୋଚନୀୟ। ଏହା ଜାଣିଲା ପରେ ହୁଏତ ବିଜେଡି ମୁଖପାତ୍ର କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ନେଇ ପଶ୍ଚାତାପ କରିବେ। ରାଜ୍ୟର ଅନ୍ୟତମ ବୈଷୟିକ ଶିକ୍ଷାନୁଷ୍ଠାନ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ମୋଟ ୩୦୯ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ମଧ୍ୟରୁ ୯୩ଟି ପଦବୀ ଖାଲିଥିବା ବେଳେ ମଞ୍ଜୁରିପ୍ରାପ୍ତ ମୋଟ ୨୧୭ ଅଣଶିକ୍ଷକ ପଦବୀ ମଧ୍ୟରୁ ୮୫ଟି ପଦବୀ ଖାଲି ରହିଛି। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରରେ ମୋଟ ୧୪୪ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀ ମଧ୍ୟରୁ ୭୬ ପଦବୀ ଖାଲି ରହିଛି। ଶିକ୍ଷକ ଓ ଅଣଶିକ୍ଷକ ଅଭାବ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ପ୍ରଭାବିତ କରୁଛି। ସମ୍ବଲପୁରରେ ସ୍ଥାପିତ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ନିୟମିତ ପ୍ରଫେସର ବା ସହକାରୀ ପ୍ରଫେସର ନିଯୁକ୍ତ ହୋଇ ନ ଥିବାରୁ ରବି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

ସୂଚନାଯୋଗ୍ୟ, ବିଜେଡି ମୁଖପାତ୍ର ଲେନିନ ମହାନ୍ତି ରାଜ୍ୟର ସୁଦୃଢ଼ ଶିକ୍ଷା ଭିତ୍ତିଭୂମି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବିଚଳିତ କରୁଛି ବୋଲି ବୟାନ ଦେଇଥିଲେ। କେନ୍ଦ୍ରର ପ୍ରବଞ୍ଚନା ସତ୍ତ୍ୱେ ରାଜ୍ୟ ସରକାର ନିଜ ଉଦ୍ୟମରେ ଓଡ଼ିଶା ବିଶେଷକରି ସମ୍ବଲପୁରରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସିଛନ୍ତି ବୋଲି କହି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ୍ କରିଥିଲେ। ସମ୍ବଲପୁରରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ଭିସୁଟ୍‌କୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପଦକ୍ଷେପ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବିଚଳିତ କରିଛି ବୋଲି ଲେଲିନ କହିଥିଲେ। ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ଭିସୁଟ୍‌କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର କୋଟି ବ୍ୟୟ ଅଟକଳରେ ମାଷ୍ଟର ପ୍ଲାନ, ଭିମ୍‌ସାରର ସର୍ବାଙ୍ଗୀନ ବିକାଶ ପାଇଁ ଏକହଜାର କୋଟିର ଅନୁଦାନ ଏଠାରେ ଶିକ୍ଷା ବିକାଶର ଉଦାହରଣ ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏଠାରେ ଶିକ୍ଷାର ଏହି ବିକାଶ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ଲେଲିନ କହିଥିଲେ।

## ରାସ୍ତା ମଝିରେ ଓଲଟିଲା ହାଇୱା: ଚାଳକ ମୃତ



ରାସ୍ତାରେ ଓଲଟିପଡିଥିବା ହାଇୱା।

ନାକଟିଦେଉଳ,୧୯।୪(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଧଳପୁର ଛକଠାରେ ଶୁକ୍ରବାର ଏକ ହାଇୱା ଓଲଟିପଡ଼ିବାରୁ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସମ୍ବଲପୁର ସହରର ରଞ୍ଜନ ବେହେରା (୪୫)। ପ୍ରାପ୍ତ ସୂଚନା ଅନୁସାରେ ଅପରାହ୍ନରେ ରଞ୍ଜନ ମେଟାଲ ବୋଝେଇ ହାଇୱା ଚଳାଇ ସମ୍ବଲପୁରର ଗୋଧିଢପ ପଟକୁ ଯାଉଥିଲେ। ତେବେ କିସିଣ୍ଡାଠାରୁ ପ୍ରାୟ ୪କି.ମି. ଦୂର ଧଳପୁର ଛକ ବୁଲାଣି ରାସ୍ତାରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଷ୍ଟିଅରିଂରେ ଚାପି ହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କିସିଣ୍ଡା ପୋଲିସ ପହଞ୍ଚି ଏକ ଜେସିବି ମେଶିନ ସାହାଯ୍ୟରେ ରାସ୍ତା ଉପରୁ ଗାଡ଼ିକୁ ଉଠାଇବା ସହ ଭିତରେ ଚାପି ହୋଇଥିବା ଚାଳକଙ୍କୁ ଉଦ୍ଧାର କରିଥିଲା। ପୋଲିସ ଦୁର୍ଘଟଣା ଗ୍ରସ୍ତ ଓଡ଼ି୧୫ଏକ୍ସ-୪୬୬୮ ନମ୍ବର ବିଶିଷ୍ଟ ହାଇୱା ଜବତ କରି ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଛି। ଏହାସହ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ଡ଼ାକ୍ତରଖାନା ପଠାଇଛି।

## ପ୍ରକଳ୍ପ ଜଳବାହିନୀର ଶୁଭ ଉଦ୍‌ଘାଟନ

ସମ୍ବଲପୁର,୧୯।୪(ବି.ଶଙ୍କର)



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ବୋମାଲୋଇ ପଞ୍ଚାୟତ କାର୍ଯ୍ୟାଳୟର କ୍ରୀଡା ପ୍ରାଙ୍ଗଣରେ ପ୍ରକଳ୍ପ ଜଳ ବାହିନୀର ଶୁଭ ଉଦ୍‌ଘାଟନ ହୋଇଛି । ଏଥିରେ ଭବାନି ମହାପାତ୍ର, ମାନବ ସମ୍ବଳ ଅଧିକାରୀ, ପ୍ରୀତମ ଜେନା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ମନୋରଞ୍ଜନ ବେହେରା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଲୋକାର୍ପଣ କରିଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଅଞ୍ଚଳରେ ଘୋର ପାନୀୟ ଜଳ ସଂକଟ ରହିଥାଏ। ଏହାକୁ ଅନୁଧ୍ୟାନ କରି ଦୀର୍ଘ ହେବ ଅଞ୍ଚଳର ବୁଦ୍ଧିଜୀବୀ, ପଞ୍ଚାୟତ କାର୍ଯ୍ୟକର୍ତ୍ତା, ବ୍ଲକ ପ୍ରଶାସନ ଓ ଜନ ସାଧାରଣଙ୍କ ଅନୁରୋଧ କ୍ରମେ ଏହି କାର୍ଯ୍ୟକ୍ରମ ଜାରି ରହିଛି । ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ୩୪ ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ୭୮ ଗ୍ରାମର ୨୫ହଜାର ଜନସାଧାରଣ ଉପକୃତ ହୋଇପାଇବେ ବୋଲି ଆଶା କରାଯାଉଛି । ଆଦିତ୍ୟ ଆଲୁମିନିୟମର ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି।

## ଭାଇ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର):

ଯୁଯୁମୁରା ଥାନା ଅନ୍ତର୍ଗତ ଟାମ୍ପରଗଡ଼ ଡଙ୍ଗାପାଲ ଗ୍ରାମରେ ସାନଭାଇ ହତ୍ୟା ମାମଲାର ବିଚାର କରି ସମ୍ବଲପୁର ସେସନ୍ସ ଜଜ୍ ଅଭିଯୁକ୍ତ ବଡଭାଇ ଦୀନବନ୍ଧୁ ତିର୍କି(୪୫)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଡଙ୍ଗାପାଳ ଗ୍ରାମର ଦୀନବନ୍ଧୁ ଓ ତାଙ୍କ ସାନଭାଇ ଢେଲ ତିର୍କିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଲାଗିରହିଥିଲା। ତେଣୁ ଦୀନବନ୍ଧୁ ସାନଭାଇ ଢେଲଙ୍କୁ ରାସ୍ତାରୁ ହଟାଇଦେବା ପାଇଁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ ୨୦୧୫ ସେପ୍ଟେମ୍ବର ୨୦ରେ ସେ ଢେଲଙ୍କୁ ନିକଟସ୍ଥ ଜଙ୍ଗଲକୁ ଡାକି ନେଇ ସେଠାରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରି ଫେରାର ହୋଇଯାଇଥିଲେ। ଘଟଣା ପ୍ରଘଟ ହେବା ପରେ ଗାଁ ଲୋକଙ୍କ ପକ୍ଷରୁ ଯୁଯୁମୁରା ଥାନାରେ ଏତଲା ଦିଆଯାଇଥିଲା। ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (ନଂ.୧୩୫/୨୦୧୫) ରୁଜୁ କରି ଅଭିଯୁକ୍ତ ଦୀନବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଏହି ମାମଲାର ଶୁଣାଣି କରି ସମ୍ବଲପୁର ପ୍ରଥମ ଏଡିଜେ ତଥା ସେସନ୍ସ ଜଜ୍ ଦେବାଶିଷ ପଣ୍ଡା ୧୮ ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଦୀନବନ୍ଧୁଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ସବୀର ଅହମ୍ମଦ ପରିଚାଳନା କରୁଥିଲେ।

## କୁଚିଣ୍ଡାରେ ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ଶିବିର




ଶିବିରରେ ଉପସ୍ଥିତ ଅଧିକାରୀମାନେ।

କୁଚିଣ୍ଡା,୧୯।୪(ବିରଞ୍ଚି ଦର୍ଶୀ)

ଆଗାମୀ ସାଧାରଣ ନିର୍ବାଚନକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ସମ୍ବଲପୁର ଜିଲା ପରିଷଦ ସିଡିଓ (ପିଡି) ଧର୍ମେନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତାକରି ନିର୍ବାଚନ ପର୍ବରେ ସମସ୍ତେ ଯେପରି ସାମିଲ ହେବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ କୁଚିଣ୍ଡା ଉପଖଣ୍ଡର ସମସ୍ତ ସେକ୍ଟର ଅଫିସର, ବିଏଲ୍‌ଓ ଏବଂ ସୁପରଭାଇଜର ତାଲିମ ଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ଓ ରାଜ୍ୟ ନିର୍ବାଚନ କମିଶନଙ୍କ ଆଦେଶ ଅନୁଯାୟୀ ବୁଥ୍‌ରେ ଭୋଟ ହାର ଅଭିବୃଦ୍ଧି, ସଫଳ ଓ ନିରପେକ୍ଷ ମତଦାନ, ମତଦାତାଙ୍କ ପାଇଁ ବୁଥ୍‌ରେ ସାମୂହିକ ବ୍ୟବସ୍ଥା, ବିଗତ ନିର୍ବାଚନରେ ଭୋଟ ହାର କମିଥିବା ବୁଥ୍‌ରେ ଭୋଟହାର ବୃଦ୍ଧି, ୮୫ବର୍ଷରୁ ଅଧିକ ଏବଂ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ଆବାସିକ ଭୋଟିଂ ବ୍ୟବସ୍ଥା ସମେତ ବୁଥ୍‌ସ୍ତରରେ ସଚେତନତା ସୃଷ୍ଟି ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଡିଓ ମଲ୍ଲିକଙ୍କ ସମେତ ଉପଜିଲାପାଳ ହେମସାଗର ଭୋଇ, କୁଚିଣ୍ଡା ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ, ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା, ଏନ୍‌ଏସି ଇଓ ଗୌରବ ପ୍ରଧାନ ଯୋଗଦେଇଥିଲେ।

## କଲେଜରେ ମତଦାନ ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା,୧୯।୪(ବିରଞ୍ଚି ଦର୍ଶୀ)




ଭୋଟ ପାଇଁ ଛାତ୍ରୀଙ୍କୁ ସଚେତନ କରାଯାଉଛି।

ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଶୁକ୍ରବାର ମତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କଲେଜ ଅଧ୍ୟକ୍ଷା ମନୋରମା ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବାମରା ବ୍ଲକ ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ପଣ୍ଡା ଓ କମ୍ପ୍ୟୁଟର ପ୍ରୋଗ୍ରାମର ତ୍ରିଲୋଚନ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ କିଭଳି ମତଦାନ ସଚେତନତା ସୃଷ୍ଟି ହୋଇପାରିବ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ନିର୍ବାଚନୀ ସାକ୍ଷରତା କ୍ଲବର ନୋଡାଲ ଅଫିସର ଅଧ୍ୟାପକ ହରେଶ ସାହୁ, ବିନୋଦ ବିହାରୀ ପୃଷେଠ, ରୋଶନ ଶର୍ମା ପ୍ରମୁଖ 'ନିର୍ବାଚନ ଉତ୍ସବ, ଦେଶ ଗୌରବ' ଶୀର୍ଷକରେ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷିତ ଶପଥପାଠ କରାଯାଇଥିଲା। ଏହି ଅବସରରେ 'ମତଦାନ ଏକ ମୌଳିକ ଅଧିକାର' ଶୀର୍ଷକ ବିତର୍କ ହୋଇଥିଲା। ଅଧ୍ୟାପକ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସାଦଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୯।୪(ବି.ଶଙ୍କର)

ସମ୍ବଲପୁର ବିଧାନସଭା ଆସନ ଲାଗି କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ଦୁର୍ଗାପ୍ରସାଦ ପାଢ଼ୀଙ୍କୁ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଚଳିତ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ଦୁର୍ଗାପ୍ରସାଦଙ୍କ ନାମ ଘୋଷଣା ହେବାପରେ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦୁର୍ଗାପ୍ରସାଦ ସମସ୍ତ କଂଗ୍ରେସ କର୍ମୀମାନଙ୍କ ସହଯୋଗ କାମନା କରିଥିଲେ । ଦଳୀୟ କର୍ମୀ ତାଙ୍କୁ ବିଜୟ କରାଇବା ପାଇଁ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ। ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ।

## ସିଙ୍ଗାପୁରରେ ଓଡ଼ିଶା ଦିବସ ପାଳନ



ସମାରୋହରେ ପ୍ରବାସୀ ଓଡ଼ିଆ।

ସମ୍ବଲପୁର,୧୯।୪(ବି.ଶଙ୍କର)

ସିଙ୍ଗାପୁର ଓଡ଼ିଆ ସମାଜ ପକ୍ଷରୁ ଉତ୍କଳ ଦିବସ ଉତ୍ସାହର ସହ ସିଙ୍ଗାପୁରରେ ପାଳିତ ହୋଇଯାଇଛି । ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ସହାୟତାରେ ସମାରୋହ ହୋଇଥିଲା । ଭାରତୀୟ ଉଚ୍ଚାୟୁକ୍ତ ଡ. ଶିଲ୍ପକ ଅମ୍ବୁଲେ ଏହାକୁ ଉଦ୍‌ଘାଟନ କରିଥିଲେ। ସିଙ୍ଗାପୁର ଓଡ଼ିଆ ସମାଜ ସଭାପତି ସୁବ୍ରତ ନାୟକ ଓ ସମ୍ପାଦକ ହେମନ୍ତ ରାଉତଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ, ଛୋଟପିଲାଙ୍କ ଦ୍ୱାରା ରାମାୟଣ ଉପରେ ଆଧାରିତ ନୃତ୍ୟନାଟିକା ଏବଂ ଯୁବପିଢ଼ିଙ୍କ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ଉପରେ ଆଧାରିତ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା । ଏହାସହିତ କଣ୍ଠଶିଳ୍ପୀ ପ୍ରଦୀପ ପଲାଇ ଓ ପ୍ରଜ୍ଞା ହୋତାଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ୩ଶହରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପରିବାରଙ୍କ ସହ ସ୍ଥାନୀୟ ନିମନ୍ତ୍ରିତ ଅତିଥିଯୋଗଦେଇଥିଲେ।

## ରୂପାନ୍ତରଣ କାମ ସମସ୍ତଙ୍କ ଆଖି ସାମ୍ନାରେ: ପ୍ରଣବ

ସମ୍ବଲପୁର/ରେଙ୍ଗାଲି,୧୯।୪
(ବି.ଶଙ୍କର/ଦେବବ୍ରତ ପଣ୍ଡା)

### ରେଙ୍ଗାଲିରେ ପ୍ରଣବ ପ୍ରକାଶଙ୍କ ମାରାଥନ ପ୍ରଚାର




ପ୍ରଚାରରେ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ସହ ଅନ୍ୟ ନେତୃବୃନ୍ଦ।

ସମ୍ବଲପୁର ମାଟି ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏଙ୍କ ମାଟି । ଏହି ମାଟି ମା'ର ସେବା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ସୁଯୋଗ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମ୍ବଲପୁରବାସୀ ନିଶ୍ଚିତ ଭାବରେ ସମ୍ମାନ ଜଣାଇବେ ବୋଲି ସମ୍ବଲପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ପ୍ରଚାର କରି ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି।

ସେ ଆହୁରି କହିଥିଲେ, ସମ୍ବଲପୁରର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଫୋକସରେ ରଖି ରାଜ୍ୟ ସରକାର କାମ କରୁଛନ୍ତି। ଯେଉଁଭଳି ଭାବରେ ରୂପାନ୍ତରଣ କାମ ଚାଲିଛି ତାହା ସମସ୍ତଙ୍କ ଆଖି ସାମ୍ନାରେ ଅଛି। ପ୍ରଣବ ସକାଳେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁକୁ ଯାଇ ପ୍ରଚାର କରିବା ସହିତ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମେ ସେ ଧନକଉଡା ଜୋନ-୧ ଅନ୍ତର୍ଗତ ତାଲବ ଗାଁରେ ଥିବା ସମଲେଇ ମନ୍ଦିର ଯାଇ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ସମଲେଶ୍ୱରୀଙ୍କ ନାମ ନେଇ ଲୋକସମ୍ପର୍କ ଅଭିଯାନ ଆରମ୍ଭ କରିଥିଲେ। ସେଠାରୁ ସେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା ଗ୍ରାମକୁ ଯାଇଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ପରିବାର ବର୍ଗଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ସେ ରେଙ୍ଗାଲି ଦୁର୍ଗା ମନ୍ଦିରକୁ ଯାଇ ମା'ଙ୍କ ଆଶୀର୍ବାଦ ନେଇ ରେଙ୍ଗାଲି ନାଗରିକ କମିଟି ଓ ମାରୱାଡି ସମାଜ ସଦସ୍ୟଙ୍କ ସହିତ ଏକ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପାର ବହୁ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ଠେମରାଠାରେ ଆୟୋଜିତ ଏକ ସଭାରେ ଯୋଗଦେଇଥିଲେ। ପରେ ମହିମା ଧର୍ମାବଲମ୍ବୀଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ଧନକଉଡା ଜୋନ-୨ ଚିପିଲିମାଠାରେ ନିର୍ବାଚନୀ ସଭାରେ ଯୋଗଦେଇ ମା' ଘଣ୍ଟେଶ୍ୱରୀଙ୍କ ଦର୍ଶନ କରି ପ୍ରଚାର କାର୍ଯ୍ୟକ୍ରମ ଶେଷ କରିଥିଲେ । ତାଙ୍କ ସହ ରେଙ୍ଗାଲି ବିଜେଡି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲ, ଯୁବ ନେତା ବିଶାଳ ଦାସ, ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, ବିଜେଡି ରେଙ୍ଗାଲି ବ୍ଲକ ସଭାପତି ଅଶୋକ ଗୁରୁ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ମହେନ୍ଦ୍ର ଓରାମ, ଧନକଉଡ଼ା ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ସାହୁ, ବାବୁଲୁ ରାଉତ, ଧନକଉଡା ଜୋନ ୧ ଜିଲା ପରିଷଦ ସଭ୍ୟ ସୁନିଲ ମିଶ୍ର, ରେଙ୍ଗାଲି ଜୋନ୍ ୧ ଜିଲା ପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ଜୋନ ୨ ସଭ୍ୟ ଦେନାରାୟଣ ତିୱାରୀ ସାମିଲ ଥିଲେ।

**ଅଗ୍ନିଶମ ସୁରକ୍ଷା ସଚେତନତା ସପ୍ତାହ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଅଗ୍ନିଶମ ବିଭାଗ ତରଫରୁ ଖପ୍ରାଖୋଲରେ ଅଗ୍ନିଶମ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ତରଫରୁ ସଚେତନତା ପୋଷ୍ଟର ଲଗାଇବା ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଦୁର୍ଘଟଣା ରୋକିବା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବ୍ଲକ ଅଗ୍ନିଶମ ଅଧିକାରୀ ଜୟଗୋପାଳ ପଣ୍ଡା, ହାବିଲଦାର ପ୍ରକାଶ ସାହୁ, ଘନଶ୍ୟାମ ପଟେଲ, ସୁବାଷ ବାଗ, ଦୁର୍ଜନ ପ୍ରସାଦ ହରିଜନ, ଜିତେନ୍ଦ୍ର ସାହୁ, ବେଲାଲ ସେନ ପୁଟା, ରୁଦ୍ରଦେବ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ଲୋଇସିଂହା,୧୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ପଟେଲ, ପରିଚାଳନା ସମିତି କୋଷାଧକ୍ଷ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ଉଦ୍ଦେଶ୍ୟ କଥନ ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ କରିଥିଲେ। ଶିଶୁ ବାଟିକା ପ୍ରମୁଖ ବବିତା ମାହାଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଆଚର୍ଯ୍ୟା ପଦ୍ମିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଭିଭାବକ ଅଭିଭାଭିକା ତଥା ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

# ମିଥ୍ୟା ବିଲ୍ କରି ଅନୁଦାନ ହଡ଼ପ

### ଅଭିଯୋଗ ଆଣିଲା ବନ ସୁରକ୍ଷା ସମିତି

ଲୋଇସିଂହା,୧୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ସାଲେଭାଟ ସେକ୍ସନ ଅନ୍ତର୍ଗତ ବଙ୍ଗାବାହାଲରେ କାମ୍ପ ଯୋଜନାରେ ହୋଇଥିବା ବନୀକରଣରେ ଅନିୟମିତତା ହୋଇଛି। ଏହିଭଳି ଅଭିଯୋଗ କରିଥିଲା ଗ୍ରାମ୍ୟ ବନ ସୁରକ୍ଷା ସମିତି। ଏହାର ତଦନ୍ତ ନ ସରଣୁ ପୁଣି ସେକ୍ସନ ଅଧୀନ ନେଗିପାଲିରେ ପୁନଃ ବନୀକରଣ ଯୋଜନା(ଏ.ଏନ.ଆର)ରେ ମିଥ୍ୟା ବିଲ୍ କରି ଅନୁଦାନ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବନ ସୁରକ୍ଷା ସମିତି ସଭାପତି ହେମରାମ ମହାକୁର ଏପରି ଅଭିଯୋଗ ନେଇ ଶୁକ୍ରବାର ଡିଏଫଓ ସୁଦର୍ଶନ ବେହେରାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ପାଇଲା ପରେ ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ସଭାପତି ମହାକୁର କହିଛନ୍ତି।

ଅଭିଯୋଗ ଅନୁସାରେ, ୨୦୨୧-୨୨ ଅର୍ଥିକ ବର୍ଷରେ ନେଗିପାଲି ସଂରକ୍ଷିତ ୫୦ହେକ୍ଟର ଜଙ୍ଗଲରେ ପୁନଃ




ନେଗିପାଲି ସଂରକ୍ଷିତ ଜଙ୍ଗଲର ରାମପୁରଠାରେ ଲାଗିଥିବା ସୂଚନା ଫଳକ।

ବୃକ୍ଷରୋପଣ କରାଯାଇଛି। ନେଗିପାଲି ବନ ସୁରକ୍ଷା ସମିତିର ୧୬ ଜଣିଆ ସଦସ୍ୟ ଏହାର ଦେଖାରଖା କରୁଛନ୍ତି। ପୁନଶ୍ଚ ଅକ୍ଟୋବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପୁନଃ ବନୀକରଣରେ ପାଣି ଦେବା, ଅବଶିଷ୍ଟ ଗଛଗୁଡିକର ସୁରକ୍ଷା ପାଇଁ ଘାସ ସଫେଇ ଏବଂ ନିଆଁଦାଉରୁ ସୁରକ୍ଷା ଦେବା ଆଦି କାମ ପାଇଁ ଆମ ଜଙ୍ଗଲ ଯୋଜନାରେ ଅନୁଦାନ ମିଳିଥିଲା। ହେଲେ ବିନା କାମରେ ବନ ସୁରକ୍ଷା ସମିତିକୁ ଅଣଦେଖା କରି ବକଟି ଅଞ୍ଚଳର ଶ୍ରମିକଙ୍କ ନାମରେ ପାଣିଦେବା ବାବଦକୁ ୮୦ ହଜାର ଟଙ୍କା ଏବଂ ଅବଶିଷ୍ଟ କାମ ପାଇଁ ୫୦ ହଜାର ଟଙ୍କା ମିଥ୍ୟା ବିଲ୍ କରି ଅନୁଦାନ ହଡ଼ପ କରିଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଶ୍ରମିକଙ୍କ ପାଉଣା ପ୍ରଦାନ ବାବଦକୁ ଚେକ୍ ବ୍ୟବହାର ନକରି ଚତୁରତା ସହ କମ୍ପ୍ୟୁଟର ବିଲ୍‌ରେ ଶ୍ରମିକଙ୍କ ହସ୍ତାକ୍ଷର ନିଆଯାଇଛି। ଏପରିକି ବନ ସୁରକ୍ଷା ସମିତି ପକ୍ଷରୁ ଫରେଷ୍ଟ ଗାର୍ଡ ସଞ୍ଜୀବ ନାୟକଙ୍କୁ ଏହାର ପ୍ରତିବାଦ କଲେ କୁଆଡେ ରେଞ୍ଜ ଅଫିସରଙ୍କ ନିର୍ଦ୍ଦେଶରେ ସେ କାମ କରିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି ଅଭିଯୋଗକାରୀ। ଫରେଷ୍ଟ ଗାର୍ଡ ନାୟକ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେମିତି କିଛି ହୋଇନାହିଁ, ତଥାପି କାଗଜ ପତ୍ର ଦେଖିଲା ପରେ କିଛି କହି ପାରିବି ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ପ୍ରଥମ ସପ୍ତାହରେ ବଙ୍ଗାବାହଲ ବନ ସୁରକ୍ଷା ସମିତି ପକ୍ଷରୁ କାମ୍ପା ଯୋଜନା ବନୀକରଣ ଅନିୟମିତତା ଅଭିଯୋଗ ହୋଇଥିଲା । ଏହି ମାମଲାର ତଦନ୍ତ ନ ସରୁଣୁ ପୁଣି ଆଉ ଏକ ଅଭିଯୋଗ ଫରେଷ୍ଟ ଗାର୍ଡଙ୍କ ଅଡୁଆ ବଢାଇଛି ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସିଲୁ



@ ଦୀନେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚୋରି ଗ୍ୟାଙ୍ଗର ୪ ଗିରଫ

### ଏକାଧିକ ଚୋରିରେ ରହିଛି ସମ୍ପୃକ୍ତି

ଟିଟିଲାଗଡ଼, ୧୯।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ପୋଲିସ ଏକ ଚୋରି ଗ୍ୟାଙ୍ଗର ଠାବ କରିଛି। ଏହି ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେମାନେ ହେଲେ ଟିଟିଲାଗଡ଼ ଗୋରୁ ବଜାର ପଡାର ଗୋବିନ୍ଦ ଦେୱାର, ବୁଦ୍ଧିଆ ଦେୱାର, ଟିଟିଲାଗଡର ଆଶିଷ ବର୍ମା, ଛତିଶଗଡ଼ ରାଜ୍ୟ ବାଗବେହେରାର ମହେଶ୍ୱର ଦେୱାର। ସେମାନେ ସହରର ବିଭିନ୍ନ ସ୍ଥାନରେ ହୋଇଥିବା ଚୋରିରେ ସମ୍ପୃକ୍ତ ଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ସୁନା, ଟଙ୍କା ଓ ବିଭିନ୍ନ ଚୋରି ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୬ଟି ମାମଲା ଥିବା ପୋଲିସ କହିଛି। ଟିଟିଲାଗଡ଼ ଥାନା ଆଇଆଇସି ଅବନୀ ସାହୁଙ୍କ ସୂଚନାମତେ ଟିଟିଲାଗଡ଼ ଥାନାରେ ଚୋରି ମାମଲା ନେଇ ବିଭିନ୍ନ ଅଭିଯୋଗ ହୋଇଥିଲା। ସହରର ହାଟପଦାପଡା ସ୍ଥିତ ଏକ ଘରୁ ଚୋରମାନେ ନଗଦ ୧୦ହଜାର ଟଙ୍କା ସହ ସୁନା ଗହଣା ଚୋରି କରିଥିଲେ। ସହରର କାଳୀ ମନ୍ଦିରରୁ ମଧ୍ୟ ପୂଜା ସାମଗ୍ରୀ ସହ ଟଙ୍କା ଏବଂ ପିତ୍ତଳ ସାମଗ୍ରୀ ଚୋରି ହୋଇଥିଲା। ନେହେରୁ ନଗର, ପିଡ୍ଲ୍ୟୁଡ଼ି କଲୋନୀ, ନୀଳଚକ୍ର ନଗର ଆଦି ଅଞ୍ଚଳରେ ଏହି ଚୋରି ଗ୍ୟାଙ୍ଗ ଚୋରି କରିଥିଲେ। ଟିଟିଲାଗଡ଼ ପୋଲିସ ଏନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ସହରର ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ ଆଧାରରେ ଚୋରମାନଙ୍କ ଗତିବିଧି ଠାବ କରି ସେମାନଙ୍କ ନିକଟରେ ପହଞ୍ଚି ଥିବା ପୋଲିସ କହିଛି।

# ମଧୁସୂଦନ ଦାଶଙ୍କୁ କୋଶଲ ସାହିତ୍ୟ ରତ୍ନ ସମ୍ମାନ



ଅତିଥିମାନେ ଅନୁବାଦକ ମଧୁସୂଦନ ଦାଶଙ୍କୁ କୋଶଲ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରୁଛନ୍ତି।

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ଅନୁବାଦକ ଓ ସାହିତ୍ୟିକ ମଧୁସୂଦନ ଦାଶଙ୍କୁ ରାଜ୍ୟସ୍ତରୀୟ କୋଶଲ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ବଲାଙ୍ଗୀର ରାଜବୈଦ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ପକ୍ଷରୁ ପ୍ରଦତ୍ତ ଏଇ ସମ୍ମାନ ସ୍ଥାନୀୟ କଲେଜ ଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ ସଭାରେ ପ୍ରଦାନ କରାଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ୪ଟି ପୁସ୍ତକ ପାନିର ଗୀତ, ରାତି ଉଦ୍‌ଲା ବେଲ୍, ସମିଆ ତକେ ଶୁଇ ନି ଦିଏ ଓ ମହନ ଏ ମହନର କୋଶଲୀ ଅନୁବାଦ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଉଦ୍ଘାଟକ ଭାବେ ଯୋଗଦେଇ ସଫଳ ଅନୁବାଦକ ମଧୁସୂଦନଙ୍କୁ କୋଶଲ ସାହିତ୍ୟ ରତ୍ନ ସମ୍ମାନ ୨୦୨୪ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥିଭାବେ ତ୍ରିବିକ୍ରମ ଦାଶ, ପ୍ରତିଭା କମିଟି ସଭାପତି ଡା ଚିତ୍ତରଞ୍ଜନ ମିଶ୍ର, ଉପସଭାପତି ଝସକେତନ ଗୁରୁ, ସମ୍ପାଦକ ନବକିଶୋର ବେହେରା ମଞ୍ଚାସୀନ ଥିଲେ। ସଭାରେ ଉକ୍ତ ସମ୍ମାନକୁ ଦାଶ ଅନୁବାଦକ ବଙ୍ଗାଳୀ ନନ୍ଦଙ୍କୁ ଉତ୍ସର୍ଗ କରିଥିବା ଘୋଷଣା କରିଥିଲେ।

## ଘରେ ପଶୁଛି ଡ୍ରେନ୍ ପାଣି

ଲାଠୋର, ୧୯।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ମୁଖ୍ୟ ରାସ୍ତାରେ ଥିବା ଡ୍ରେନ ପାଣି ଘରେ ପଶୁଛି। ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି ନଜର ଦିଆଯାଉନାହିଁ। ଦୀର୍ଘବର୍ଷରୁ ଲାଠୋର ମୁଖ୍ୟ ରାସ୍ତାରେ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇଥିଲେ ହେଁ ସଫାସୁତୁରା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। କାଳକ୍ରମେ ଡ୍ରେନରେ ମଇଳା ଆବର୍ଜନା ଜମା ହୋଇ ପାଣି ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶୁଛି। ଗତ ୩ମାସ ହେବ ଗ୍ରାମର ଛୁଟିଗୁଡ଼ି ନିକଟରେ ଡ୍ରେନ ଜାମ ହୋଇ ମଇଳା ପାଣି ସେଠାରେ ରହୁଥିବା ଦୁର୍ଗା ବେହେରାଙ୍କ ଘରେ ପଶୁଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ କହିଲେ ପୂର୍ତ୍ତ ବିଭାଗ ବୁଝିବ ବୋଲି କହୁଛନ୍ତି। ଫଳରେ ସେମାନେ ଅନ୍ୟନୋପାୟ ହୋଇ ଡ୍ରେନ ଘୋଡଣି ଖୋଲି ମଇଳା ପାଣି ବାହାରକୁ ଫିଙ୍ଗୁଥିବା କହିଛନ୍ତି। ପୂର୍ତ୍ତ ବିଭାଗ ଏଇଇ ଅରୁଣ କୁମାର ଟେଟେଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ନଥିଲି। ସେ ଅଞ୍ଚଳ ପାଇଁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ କହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ନକଲେ ଆଗକୁ ଅନ୍ୟ ଲୋକଙ୍କ ଘରେ ଡ୍ରେନ ପାଣି ପଶିବା ଆଶଙ୍କା ରହିଛି।

## କଂଗ୍ରେସ, ଭାଜପା ଛାଡ଼ି ବିଜେଡିରେ ମିଶିଲେ



ବିଜେଡିରେ ଯୋଗଦେଇଥିବା ଯୁବକଙ୍କୁ କଲିକେଶ ନାରାୟଣ ସିଂଦେଓ ସ୍ୱାଗତ କରୁଛନ୍ତି।

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡ଼ାପାଲି, ଭୋଇପାଲି, ସାରସପିଟା, ଡୁଲୁସର ଗ୍ରାମ ଗଣ୍ଡ ସମାଜର ୪୩ରୁ ଉର୍ଦ୍ଧ୍ୱ ବ୍ୟକ୍ତି କଂଗ୍ରେସ ଓ ଭାଜପା ଛାଡି ଶୁକ୍ରବାର ବିଜେଡ଼ିରେ ସାମିଲ୍ ହୋଇଛନ୍ତି। ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ୍‌ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଗଣ୍ଡ ସମାଜ ଚୁଡ଼ାପାଲି ସର୍କଲର ନିରଞ୍ଜନ ଧରୁଆ ଓ ବିଜେଡିର ବରିଷ୍ଠ ନେତା କୁଳମଣି ମେହେରଙ୍କ ନେତୃତ୍ୱରେ ବିଜେଡ଼ି ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱ ଓ ବିକାଶ କାର୍ଯ୍ୟକୁ ଦେଖି ବିଜେଡ଼ିରେ ସାମିଲ ହୋଇଥିବା ସୂଚନା ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ତଥା ବିକାଶ କାମରେ ଅନୁପ୍ରାଣିତ ହୋଇ ଗଣ୍ଡ ସମାଜ ସଦସ୍ୟମାନେ ବିଜେଡ଼ିରେ ମିଶିଥିବା କହିଛନ୍ତି। ବିଧାୟକ ପ୍ରାର୍ଥୀ ସିଂଦେଓ ନୂଆକରି ଯୋଗ ଦେଇଥିବା ସଦସ୍ୟଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ହାଇସ୍କୁଲ କିରାଣି ନିଲମ୍ବିତ

### ନିର୍ବାଚନୀ ସଭାରେ ଯୋଗଦେବା ମହଙ୍ଗା ପଡ଼ିଲା

ଲୋଇସିଂହା,୧୯।୪(ସୁଶାନ୍ତ ବାରିକ)

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ଏକ ନିର୍ବାଚନୀ ସଭାରେ ଯୋଗଦେବା ଜଣେ ହାଇସ୍କୁଲ କିରାଣିଙ୍କୁ ମହଙ୍ଗା ପଡିଛି। ଅଭିଯୋଗ ଆଧାରରେ ବଲାଙ୍ଗୀର ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସମ୍ପୃକ୍ତ କିରାଣୀଙ୍କୁ ନିଲମ୍ବିତ କରିଛନ୍ତି। ସେ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବରୋମୁଣ୍ଡା ପ୍ରେମରାଜ ହାଇସ୍କୁଲର କନିଷ୍ଠ କିରାଣି ଉତ୍ତମ ସାହୁ। ନିଲମ୍ବିତ କନିଷ୍ଠ କିରାଣୀ ସାହୁଙ୍କୁ ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ବିଇଓଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର୍ସ ନ ଛାଡିବାକୁ କୁହାଯାଇଛି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୦ତାରିଖରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଏକ ଫାର୍ମ ହାଉସରେ ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ସମର୍ଥକଙ୍କୁ ନେଇ ଏକ ସଭା କରିଥିଲେ। ଉକ୍ତ ସଭାରେ ବିଜୟ ସଂକଳ୍ପ ନିଆଯାଇଥିଲା। ଜଣେ ସରକାରୀ କର୍ମଚାରୀ ହୋଇ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରି ଉକ୍ତ ସବାରେ କନିଷ୍ଠ କିରାଣୀ ସାହୁ ଉପସ୍ଥିତ ଥିଲେ । ଏନେଇ ଭାଜପା ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ପ୍ରମାଣ ସହ ଅଭିଯୋଗ କରିଥିଲେ। ଏହାପରେ ରାଜ୍ୟ ନିର୍ବାଚନ ଅଧିକାରୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଲାଙ୍ଗୀର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗୌରବ ଶିବାଜୀ ଇସୱାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶଥାଉକି ଉକ୍ତ ନିର୍ବାଚନୀ ସଭାରେ କୁଶଙ୍ଗ ଡିଗ୍ରୀ କଲେଜର ଜଣେ ଅଧ୍ୟାପକ ମଧ୍ୟ ସାମିଲ ଥିବା ଆଲୋଚନା ହେଉଛି।

# ଡବଲ ଇଞ୍ଜିନ୍ ସରକାର ଆସିଲେ ଗରିବଙ୍କ ଉନ୍ନତି ହେବ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ ନିର୍ବାଚନୀ ପ୍ରଚାରକୁ ଜୋରଦାର୍ କରାଯାଇଛି। ଶୁକ୍ରବାର ସକାଳେ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଭଇଁଷା, ରାଣୀପାଲି, ଫାସଡ଼, ସକମା, ମନହୀରା, କୁଟୁରାପାଲି, ରାଏପାଲି ଏବଂ ନିକଟବର୍ତ୍ତୀ ଅନ୍ୟ ଗାଁର ଘରକୁ ଘର ବୁଲି ଭୋଟରଙ୍କୁ ଭେଟିବା ସହ ଭୋଟ୍ ଦେବାପାଇଁ ନିବେଦନ କରିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଆସିଲେ ଗରିବ ଲୋକଙ୍କ ପାଖକୁ ସିଧାସଳଖ ଯୋଜନା ସୁଫଳ ପହଞ୍ଚିବ ବୋଲି ପ୍ରାର୍ଥୀ ପାଣିଗ୍ରାହୀ ଲୋକଙ୍କୁ ବୁଝାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ ବୋଲି ସେ କହିଥିଲେ। ତୃଣମୂଳସ୍ତରରେ ଭୋଟରମାନଙ୍କୁ ରାଜ୍ୟ ସରକାରଙ୍କ ଅପାରଗତା ସମ୍ପର୍କରେ ଅବଗତ କରିବା ସହ ଆଗାମୀ ଦିନରେ ଭ୍ରଷ୍ଟାଚାରୀ ବିଜେଡି ସରକାରକୁ ଭୋଟରମାନେ ଉଚିତ ଜବାବ



ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଲୋକଙ୍କୁ ଭୋଟ୍ ନିବେଦନ କରୁଛନ୍ତି।

### ବିଭିନ୍ନ ଗାଁରେ ଭାଜପାର ନିର୍ବାଚନୀ ପ୍ରଚାର

ଦେବେ ବୋଲି କହିଥିଲେ। ବଲାଙ୍ଗୀର ଜିଲାରେ ଦୁଇ ପ୍ରମୁଖ ରାଜନୈତିକ ଦଳ କେବଳ ନିଜର ପାରିବାରିକ ସ୍ୱାର୍ଥ ପାଇଁ ରାଜନୀତି କରୁଥିବାବେଳେ ଏକ ସାଧାରଣ ପରିବାରରୁ ଆସି ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ଥରେ ଭୋଟ୍ ଦିଅନ୍ତୁ ବୋଲି ଲୋକଙ୍କୁ ନିବେଦନ କରିଥିଲେ। ପ୍ରଚାର କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା କର୍ମୀ ନୀଳମଣି ସେଠ୍, ମଣ୍ଡଳ ସଭାପତି ବିଶ୍ୱଜିତ ବେହେରା, ନରେଶ ଅଗ୍ରୱାଲ, ଅଜିତ ବେହେରା, ପରମେଶ୍ୱର ସ୍ୱାଇଁ, ଶ୍ରୀକାନ୍ତ ବେହେରା, ଋତୁରାଜ ପ୍ରଧାନ, ରାହୁଲ ପାଣିଗ୍ରାହୀ, ବିଭାସ ଘଡେଇ, ସୁଶାନ୍ତ ରାଉତ, ରିତେଇ ପଟେଲ, ରଞ୍ଜନ ସିଂଙ୍କ ସହ ଶତାଧିକ ଭାଜପା କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ।

# ସମସ୍ୟା ସହ ରହିଲେ ସମାଧାନ ସହଜ ହେବ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

### ଓକିଲଙ୍କ ସହ ସମରେନ୍ଦ୍ରଙ୍କ ଆଲୋଚନା କାର୍ଯ୍ୟକ୍ରମ

ସ୍ଥାନୀୟ ଏକ ହୋଟେଲ ପ୍ରାଙ୍ଗଣରେ ଜିଲା ଓକିଲ ସଂଘ ସଦସ୍ୟଙ୍କୁ ନେଇ ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କର ପ୍ରାର୍ଥିତ୍ୱର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ସେ କହିଥିଲେ ଯେ, ଗତ ୧୦ ବର୍ଷର ଉଚିତ ପ୍ରତିନିଧିତ୍ୱ ଯୋଗୁ ପଛୁଆ ବଲାଙ୍ଗୀର ବହୁକ୍ଷେତ୍ରରେ ଆଗେଇଛି। ପୂର୍ବରୁ ଯେଉଁମାନେ ଦୀର୍ଘଦିନ ଧରି ଏଠାରୁ ପ୍ରତିନିଧିତ୍ୱ କରୁଥିଲେ ସେମାନେ ଏ ଅଞ୍ଚଳର ସମସ୍ୟା, ଲୋକଙ୍କ ଜୀବନଯାପନ ଶୈଳୀ, ସଂସ୍କୃତି ଉପରେ ଅବଗତ ନଥିଲେ। ସେମାନଙ୍କ କାର୍ଯ୍ୟକାଳ ଭିତରେ ବଲାଙ୍ଗୀର ଏକ ପଛୁଆ, ସମସ୍ୟା ବହୁଳ ଓ ଅନୁନ୍ନତ ଅଞ୍ଚଳ ଭାବେ ରହିଆସିଥିଲା। ୨୦୧୪ରେ ନରସିଂହ ମିଶ୍ରଙ୍କୁ ବିଧାୟକ ଭାବେ ଲୋକେ ବାଚିବା ପରେ ସେ ଦୀର୍ଘ ୧୦ ବର୍ଷ ଧରି



କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ଲୋକଙ୍କ ସହ ରହି ସେମାନଙ୍କ ସମସ୍ୟାକୁ ସମାଧାନ କରିବାରେ ସବୁବେଳେ ପ୍ରୟାସ କରିଆସିଛନ୍ତି। ଗୋଟିଏ ଅଞ୍ଚଳର ବିକାଶ କରିବାକୁ ହେଲେ ସେଠାରେ ଥିବା ଅଭାବ ଅସୁବିଧାର ଚିତ୍ର ଓ ଚରିତ୍ରକୁ ଜାଣିବାକୁ ହେବ। ଲୋକଙ୍କ ପାଖରେ ପହଞ୍ଚିଲେ ଲୋକଙ୍କ ସମସ୍ୟା ଜାଣିହେବ ବୋଲି ସେ କହିଥିଲେ। ସଭାରେ ପୂର୍ବତନ ଲୋକ ସଭା ସଦସ୍ୟଙ୍କ ଅଦୂରଦର୍ଶିତା ସମ୍ପର୍କରେ କହି କୁଆଡେ ଗଲା ୱାଟର ଏଟିଏମ୍, ବସଷ୍ଟପ, ଧୂଳିସଫା ଗାଡ଼ି, ପାଇଲଟ ଟ୍ରେନିଂ ସେଣ୍ଟର ଓ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ବୋଲି ପ୍ରଶ୍ନ କରିଥିଲେ। ଏଇ ଆଲୋଚନା ସଭାରେ ବିଧାୟକ ନରସିଂହ ମିଶ୍ର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ରଙ୍କ ପାଇଁ ଭୋଟ ମାଗିବା ପରିପ୍ରେକ୍ଷୀରେ କହିଥିଲେ ଯେ, ୧୦ ବର୍ଷରେ ବଲାଙ୍ଗୀରରେ ମେଡିକାଲ କଲେଜ, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ଶିକ୍ଷା ଭିତ୍ତିଭୂମି, ପର୍ଯ୍ୟାପ୍ତ ପିଇବା ପାଣି ଯୋଗାଇବା, ରାସ୍ତାଘାଟ ଉନ୍ନତିକରଣ, ବ୍ୟାଡମିଣ୍ଟନ ଇନଡୋର ଷ୍ଟଡିୟମ ସହ ଅନ୍ୟ କ୍ରୀଡାଭୂମିର ବିକାଶ ଦିଗରେ ଅନେକ କାମ କରାଯାଇଛି। ସମରେନ୍ଦ୍ରଙ୍କ ଭଳି ଜଣେ ଦକ୍ଷ, ଦୂରଦୃଷ୍ଟିସମ୍ପନ୍ନ ଓ ସମସ୍ୟା ଭିତରେ ରହି ତାର ସମାଧାନ କରିପାରୁଥିବା ଯୁବ ନେତୃତ୍ୱଙ୍କୁ ଭୋଟ୍ ଦେବାକୁ ଉପସ୍ଥିତ ଓକିଲମାନଙ୍କୁ ଅନୁରୋଧ କରିଥିଲେ।

# ବଡ଼ଗାଁର ଦୁଇ ଦୋକାନକୁ ଉଚ୍ଛେଦ କଲା ପ୍ରଶାସନ

ବଡ଼ଗାଁ,୧୯।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବସଷ୍ଟାଣ୍ଡ ନିକଟରେ ଥିବା ଗୋଟିଏ ଔଷଧ ଦୋକାନ ଓ ଗୋଟିଏ ରାସନ ଦୋକାନକୁ ସେହି ସ୍ଥାନରୁ ଶୁକ୍ରବାର ପ୍ରଶାସନ ଉଚ୍ଛେଦ କରିଛି। ସୂଚନା ଅନୁଯାୟୀ, ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ରାସ୍ତା ପାର୍ଶ୍ୱରେ ଥିବା ଜାଗାକୁ ୧୯୯୨ରେ ଅଧିଗ୍ରହଣ କରାଯାଇଥିଲା। ସେଠାରେ ଥିବା ସୁଶିଲ ଅଗ୍ରୱାଲଙ୍କ ଜମି ଯାଇଥିଲା। ୧୯୯୩ରେ ସେ ଜାଗାର କ୍ଷତିପୂରଣ ପାଇଥିଲେ। ଏହି ସ୍ଥାନକୁ ଖାଲି କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦୋକାନ ମାଲିକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଛ



ଦୋକାନ ଉଚ୍ଛେଦ କରାଯାଉଛି।

ଥର ଷ୍ଟେ ଅର୍ଡର ଆଣି ଦୋକାନ କରୁଥିବା ଦୋକାନ ମାଲିକଙ୍କୁ ଡକାଇ ଗତ ୧୨ ତାରିଖ ଜିଲାପାଳ ପ୍ରକୋଷ୍ଠରେ ଶୁଣାଣି ହୋଇଥିଲା। ସେଠାରେ

## ବଡ଼ଗାଁ ବ୍ଲକ

ସାତ ଦିନ ମଧ୍ୟରେ ଦୋକାନ ଉଛେଦ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ସୁନ୍ଦରଗଡର ଜଣେ ମାଜିଷ୍ଟ୍ରେଟ, ପୂର୍ତ୍ତ ବିଭାଗ ଏକ୍ସକ୍ୟୁଟିଭ ଇଞ୍ଜିନିୟରିଂ ନାରାୟଣ ପଟେଲ, ବଡ଼ଗାଁ ତହସିଲଦାର ଝରଣା ପ୍ରଧାନଙ୍କ ଉପସ୍ଥିତିରେ ଦୋକାନ ଖାଲି କରିବାକୁ କୁହାଯାଇଥିଲା। ଦୋକାନ ଖାଲି କରିବାବେଳେ ଦୋକାନର କିଛି ଅଂଶକୁ ଜେସିବି ଦାରା ପ୍ରଶାସନ ସାଢ଼େ ତିନି ଟାରେ ଭାଙ୍ଗି ଦେଇ ଅପରାହ୍ନ ୪ ଟା ସୁଦ୍ଧା ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବାଇକ୍ ଧକ୍କାରେ ଚାଳକ ମୃତ, ସ୍ତ୍ରୀ ଗୁରୁତର

କୁଆଁରମୁଣ୍ଡା,୧୯।୪(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଚୁଟିଆଟୋଲି ବାଇପାସ ଛକରେ ଗୁରୁବାର ଅପରାହ୍ନରେ ଏକ ବାଇକ ଡିଭାଇଡରରେ ପିଟି ହେବାରୁ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ପଛରେ ବସିଥିବା ସ୍ତ୍ରୀ ଗୁରୁତର ଆହତ ହୋଇ ଭୁବନେଶରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଉଛନ୍ତି ଝାଡ଼ଖଣ୍ଡ ରାଜ୍ୟ ସିମଡେଗା ଜିଲା ବାଂଶଜୋର୍ ଅଞ୍ଚଳର କଛୁପାନି ଗ୍ରାମର ସିଲିଶିଲାଲ ସିଂହ(୬୨) ଓ ଗୁରୁତର ଆହତ ଲକ୍ଷ୍ମୀ ସିଂହ ବୋଲି ତାଙ୍କ ଜ୍ୱାଇଁ ବଲିନ୍ଦ୍ର ସିଂହ ଶୁକ୍ରବାର କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଭାବେ ଜଣାଇଛନ୍ତି। ଏହାପରେ ପୋଲିସ ଜବତ କରିଥିବା ମୃତ ଶରୀରକୁ କୁଆଁରମୁଣ୍ଡାରେ ବ୍ୟବଚ୍ଛେଦ କରାଇ ଶବ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଫାଣ୍ଡିରେ ରଖିଛି। ମିଳିଥିବା ସୂଚନା ମୁତାବକ, ନିଜ ଗ୍ରାମ ଝାଡ଼ଖଣ୍ଡର କାଛୁପାନିରୁ ମେଡିକାଲ କାମରେ ମୃତ ସିଲିଶିଲାଲ ସ୍ତ୍ରୀ ଲକ୍ଷ୍ମୀଙ୍କୁ ପଛରେ ବସାଇ ରାଉରକେଲା ଯାଉଥିଲା ବେଳେ କୁଆଁରମୁଣ୍ଡାର ଚୁଟିଆଟୋଲି ନିକଟରେ ଏହି ଦୁର୍ଘଟଣା ଘଟିଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସିଲୁ


@ ଦୀନେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଧାକୃଷ୍ଣଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳିତ

**ରାଉରକେଲା, ୧୯।୪(ଦିନେଶ ମିଶ୍ର):** ବାସନ୍ତୀ କଲୋନୀ ସ୍ଥିତ ଲେପର୍ସି କଲୋନୀ ପରିସରରେ ଥିବା ରାଧାକୃଷ୍ଣଙ୍କ ମନ୍ଦିର ପରିସରରେ ରାଧାକୃଷ୍ଣ ପ୍ରାଣ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସଭାପତି ଗୋକୁଳା ବାଗ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରର ମୁଖ୍ୟ ପୂଜକ କାଳନ୍ଦି ଚରଣ ନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ରାଧାକୃଷ୍ଣଙ୍କ ଷୋଡଶ ଉପଚାର ପୂଜା ସହ ଚନ୍ଦନଲାଗି ବେଶ କରାଯାଇଥିଲା। ପରେ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ସାମୂହିକ ଶ୍ରୀମଦ ଭଗବତ ପାଠ କରାଯାଇ ଶ୍ରୀରାଧାକୃଷ୍ଣଙ୍କୁ ପୁଷ୍ପାଞ୍ଜଳି ସମର୍ପଣ କରାଯାଇଥିଲା। ଏଥିସହ ମନ୍ଦିର ପରିସରରେ ଏକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଏହି ହୋମଯଜ୍ଞକୁ ପଣ୍ଡିତ କ୍ଷେତ୍ରବାସୀ କର ପରିଚାଳନା କରିଥିଲେ। କର୍ତ୍ତା ରୂପେ ମହେନ୍ଦ୍ର ଲୁଗୁନ ସହଯୋଗ କରିଥିଲେ। ସନ୍ଧ୍ୟା ସମୟରେ ହୋମଯଜ୍ଞର ପୂର୍ଣ୍ଣାହୂତି କରାଯାଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ହୋମଯଜ୍ଞରେ ଘୃତ, ନାରିକେଳ ଓ ଅଗୁର ସମର୍ପଣ କରି ଯଜ୍ଞକୁ ଶାନ୍ତି କରିବା ସହ ଚରୁଅର୍ଣ୍ଣ ସେବନ କରିଥିଲେ। ଏହି ଉତ୍ସବକୁ ସୋମେଶ ବାର୍ଲା, ସନ୍ତୋଷୀ ଦାସ, ରମା ବାହାଦୂର, ଗୋପାଳ ସାହୁ, ଦିଗାମ୍ବର ତନ୍ତୀ, ଯଶମତି ନନ୍ଦ, ପିତାମ୍ବର ପାଢ଼ୀ, ନବକିଶୋର କର, ମନ୍ଦଦୋରୀ ନାୟକ, ନିର୍ମଳା ଦେବୀଙ୍କ ସହ ଲେପର୍ସୀ କଲୋନୀର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨ରେ ତତ୍କାଳ ସ୍ୱୀକୃତି ଯୋଜନାରେ ଠିକା ଶ୍ରମିକ ପୁରସ୍କୃତ



ପୁରସ୍କୃତ ହୋଇଥିବା ଠିକା ଶ୍ରମିକମାନେ।

ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ ମିଲ୍-୨ ବିଭାଗରେ ତତ୍କାଳୀନ ସ୍ୱୀକୃତି ଯୋଜନା ଅଧିନରେ ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଟ୍‌ଷ୍ଟ୍ରିପ ମିଲ୍- -୨ ବିଭାଗର ସିଜିଏମ ଆର.କେ ମୁଦୁଲି ଅଧକ୍ଷତା କରି ବିଭାଗର କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୬ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜିଏମ୍ ଅପରେସନ ଡି.କେ ଯାଦବ, ଜିଏମ ଇଲେକ୍ଟ୍ରିକାଲ ଆର. କୁଜୁର, ଜିଏମ ମେକାନିକାଲ ଆର.କେ ସିଂହଲ ସହ କାର୍ମିକ ବିଭାଗ ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ଏମ ସିନ୍ଦୁରଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ତଥା ଅଞ୍ଚଳରେ ନିୟୋଜିତ ଠିକା କାର୍ଯ୍ୟ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ପରେ ଏ ପରିପ୍ରେକ୍ଷୀରେ ମୁଦୁଲି ଠିକା ଶ୍ରମିକମାନଙ୍କୁ ସେମାନଙ୍କ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହିତ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟମାନେ ନିଜ କାର୍ଯ୍ୟ କ୍ଷେତ୍ରରେ ଠିକା ଶ୍ରମିକଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବିଭିନ୍ନ କାର୍ଯ୍ୟାଦିର ବର୍ଣ୍ଣନା କରିଥିଲେ। ପୁରସ୍କୃତ ଠିକା ଶ୍ରମିକମାନେ ମେସର୍ସ ହରି ଓମ କନଷ୍ଟ୍ରକସନ, ମେସର୍ସ ସାମନ୍ତ ଏଣ୍ଟରପ୍ରାଇଜେସ, ମେସର୍ସ ଇନଡ ସବ ପ୍ରୋଜେକ୍ଟ ଏବଂ ମେସର୍ସ ଷ୍ଟିଲ କନଷ୍ଟ୍ରକସନ ଅନ୍ତର୍ଭୁକ୍ତ ଥିଲେ। ପୁରସ୍କୃତ ହୋଇଥିବା ୧୬ଜଣ ଠିକା ଶ୍ରମିକଙ୍କର ମଧ୍ୟରୁ ୭ଜଣ ମହିଳା ଠିକା ଶ୍ରମିକ ରହିଥିଲେ। ଠିକା ଶ୍ରମିକମାନେ ଏହି ସ୍ୱୀକୃତି ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିବାବେଳେ ଏହି ପୁରସ୍କାର ଠିକା ଶ୍ରମିକମାନଙ୍କୁ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧିରେ ବିଶେଷ ସହାୟକ ହେବା ଆଶା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଏଚଏସଏମ- -୨ ବିଭାଗର ମ୍ୟାନେଜର ଅନୁପ ଅଗ୍ରୱାଲା ସଂଯୋଜନା କରିଥିଲେ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ: ୬ ଗିରଫ

ରାଉରକେଲା, ୧୯।୪(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ହୋଣ୍ଡା ଶୋରୁମ୍ ଭିତରେ ପଶି ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯାଇଥିବା ସୂଚନା ମିଳିଛି। ଏଥିରେ ଯୁବକ ଗୁରୁତର ଭାବେ ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଥିରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ମାମଲା(ନଂ ୨୨୭/୨୪) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ଅଞ୍ଚଳର ଗୌରବ ରାଠୀ(୨୮), ଭବାନୀ ସିଂହ(୧୮), ପ୍ରତ୍ୟୁଷ ତ୍ରିପାଠୀ( ୩୨), ବିରମିତ୍ରପୁର କୁଆଁରମୁଣ୍ଡାର ସୁଶାନ୍ତ ପୂଜାରୀ(୨୧), ଶ୍ରୀକାନ୍ତ ପୂଜାରୀ(୧୯) ଓ ବେଦବ୍ୟାସ ଅଂଚଳର ବିଜୟ ପ୍ରଧାନ(୨୩)। ସୂଚନାଅନୁଯାୟୀ, ଖରିଆବାହାଲ ବସ୍ତିର ଏମଡ଼ି ଆଜମ୍ ପାନପୋଷ ସ୍ଥିତ ହୋଣ୍ଡା ଶୋରୁମ୍‌କୁ ସ୍କୁଟି ସର୍ଭିସିଂ କରିବାକୁ ଆସିଥିଲେ। ଏହି ସମୟରେ ୧୦-୧୨ ଜଣ ଯୁବକ ସଂଘବଦ୍ଧ ଭାବେ ଭୁଜାଲି, ଖଣ୍ଡା ଧରି ଶୋରୁମ୍‌ରେ ପଶି ଆଜମ୍‌ଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଆଜମ୍ ଗୁରୁତର ଆହତ ହୋଇଥିଲେ। ପରେ ଥାନାରେ ଆଜମ୍‌ଙ୍କ ପିତା ଏମଡ଼ି ଆବିଦ୍ ହୁସେନ୍ ଥାନାରେ ଏତଲା ଦେଇଥିଲେ।

# ଆର୍‌ଜିଏଚ୍‌ରେ ୩ ଅଂଶୁଘାତ ଆକ୍ରାନ୍ତ

**ରାଉରକେଲା, ୧୯।୪(ସଙ୍ଗୀତା ଜେନା):** ପ୍ରବଳ ରୌଦ୍ରତାପ ଓ ତାପମାତ୍ରା ବୃଦ୍ଧି ଯୋଗୁ ଜିଲାରେ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୨ ଦିନ ମଧ୍ୟରେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍ ଜିଏଚ୍)ରେ ୩ ଜଣ ରୋଗୀ ବିଭିନ୍ନ ଅଞ୍ଚଳରୁ ଆସି ଚିକିତ୍ସିତ ହେଉଛନ୍ତି। ଏ ନେଇ ହସପିଟାଲ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ସୂଚନା ପ୍ରଦାନ କରିଛନ୍ତି। ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ଼ ସହ ୭ଟି ସ୍ୱତନ୍ତ୍ର ଓଆର୍‌ଏସ୍ କର୍ଣ୍ଣର ତଥା ଆଶୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ଶ୍ରୀବାସ୍ତବ କହିଛନ୍ତି।

# ଆଦର୍ଶ ପାଠାଗାରର ସାହିତ୍ୟ ଆସର

ରାଉରକେଲା,୧୯।୪(ଦିନେଶ ମିଶ୍ର)

ସହରର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର ପାଠାଗାର କାର୍ଯ୍ୟାଳୟରେ ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱ ଓ ବରିଷ୍ଠ ସଦସ୍ୟ ଅଶୋକ କୁମାର ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ଆଲୋଚ୍ୟ ବିଷୟ ଗୋପିନାଥ ମହାନ୍ତିଙ୍କ କୃତିରେ ସାମାଜିକ ଚେତନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ଆଲୋଚକ ଭାବେ ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡକ୍ଟର ସୁଷମା ମୋଦି ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋଚନା କରି ଗୋପିନାଥଙ୍କ ସୃଷ୍ଟିରେ



ମାସିକ ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଓ ସାହିତ୍ୟିକ।

ବିଭିନ୍ନ ଚରିତ୍ର ଓ ସାମାଜିକ ଚେତନା ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ସଞ୍ଜୀବ କୁମାର ଭୋଇ ଗଳ୍ପପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ କବି ବିଜୟନୀ ଜେନା ଓ ତ୍ରିଲୋଚନ ସ୍ୱାଇଁ ସଂଯୋଜନାରେ କୁଞ୍ଜବିହାରୀ ରାଉତ, ପ୍ରତାପ କୁମାର ପଣ୍ଡା, ସାଗର ମହାନ୍ତି, ସୁଶାନ୍ତ ନାୟକ, କରୁଣାକର ପାଢସାଣୀ, ସବିତା ବସ୍ତିଆ, ସସ୍ମିତା ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅଧାପକ କରୁଣାକର ପାଢସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାଳ୍ପିକ କାଶୀନାଥ ନନ୍ଦୀ କବିତା, ଗଳ୍ପ ଓ ଆଲୋଚ୍ୟ ବିଷୟରେ ପାଠକୀୟ ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଡକ୍ଟର ଶକ୍ତିପ୍ରସାଦ ସାମନ୍ତରାୟ, ପ୍ରବୀର କୁମାର ଦୁବେ, ଅର୍ଚ୍ଚନା ମହାନ୍ତି, ମନୋଜ ପଣ୍ଡା, ପଞ୍ଚାନନ ପାତ୍ର, ଅଶୋକ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଘରେ ପଶୁଛି ଡ୍ରେନ୍ ପାଣି

ଲାଠୋର, ୧୯।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ମୁଖ୍ୟ ରାସ୍ତାରେ ଥିବା ଡ୍ରେନ ପାଣି ଘରେ ପଶୁଛି। ଅଭିଯୋଗ ହେଉଥିଲେ ମଧ ଏଥିପ୍ରତି ନଜର ଦିଆଯାଉନାହିଁ। ଦୀର୍ଘବର୍ଷରୁ ଲାଠୋର ମୁଖ୍ୟ ରାସ୍ତାରେ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇଥିଲେ ହେଁ ସଫାସୁତୁରା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ।

# ୪ ମାସ ପୂର୍ବେ ଉଦ୍ଧାର ନବଜାତ ଶୁଆପକ୍ଷୀଙ୍କୁ ମୁକ୍ତ କରାଗଲା

ରାଉରକେଲା, ୧୯।୪(ସଙ୍ଗୀତା ଜେନା)

୪ ମାସ ପୂର୍ବେ ଅର୍ଥାତ ଗତ ଜାନୁଆରୀରେ ରାଉରକେଲା ବନବିଭାଗ ଅଞ୍ଚଳରୁ ପକ୍ଷୀ ବ୍ୟବସାୟୀଙ୍କଠାରୁ ୧୨୨ଟି ନବଜାତ ଶୁଆ ପକ୍ଷୀ ଧରାଯାଇଥିଲା। ଏହି ମାମଲା(ନଂ.୧୭୩/୨୪ ଓ ୧୭୭/୨୪) ବନ୍ୟପ୍ରାଣୀ ଆଇନ ଅବମାନନା ଅନୁଯାୟୀ ତାହିର ଅଂସାରୀ, ମୁନା ସାହୁ ଓ ଏମ୍‌ଡ଼ି ତମାସ୍‌ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ପକ୍ଷୀ ବ୍ୟବସାୟୀମାନେ ଭୁବନେଶ୍ୱର ଓ ଅନ୍ୟ ସହର ମାନଙ୍କରେ ନବଜାତ ଶୁଆ ପକ୍ଷୀଙ୍କୁ ୫ଶହ ଟଙ୍କାରେ ବିକ୍ରୟ କରିଥାନ୍ତେ। ଏହାର ସୂଚନା ପାଇ ଉକ୍ତ ୩ ଜଣ ବ୍ୟକ୍ତିଙ୍କୁ ଡିଏଫ୍‌ଓ ଯଶୋବନ୍ତ ସେଠୀଙ୍କ ନେତୃତ୍ୱରେ ନବଜାତ ଶୁଆଙ୍କୁ ଧରାଯାଇଥିଲା। ଏମାନଙ୍କର ରକ୍ଷଣାବେକ୍ଷଣ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ କରାଯାଉଥିଲା। ଏଥିରେ ବଂଚିଥିବା ଶୁଆପକ୍ଷୀଙ୍କୁ ଶୁକ୍ରବାର ବଣାଇ ଉପଖଣ୍ଡ ଟେନ୍‌ସା ଜଙ୍ଗଲରେ ମୁକ୍ତ କରାଯାଇଛି। ଏ ନେଇ ଡିଏଫ୍‌ଓ ସେଠୀ ସୂଚନା ପ୍ରଦାନ କରିଛନ୍ତି। ପୂର୍ବାହ୍ନ ସାଢ଼େ ୭ଟାରେ ରାଜ୍ୟ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ମୁଖ୍ୟବନ ସଂରକ୍ଷକ ଏବଂ ମୁଖ୍ୟ ବନ୍ୟପ୍ରାଣୀ ସୁଶାନ୍ତ ନନ୍ଦଙ୍କ ଉପସ୍ଥିତିରେ ପକ୍ଷୀମାନଙ୍କୁ ମୁକ୍ତ କରାଯାଇଥିଲା। ଡିଏଫ୍‌ଓ ସେଠୀ, ଏସ୍‌ଏଫ୍ ସୌମ୍ୟରଂଜନ ଗୋଚ୍ଛାୟତ, ପ୍ରାଣୀ ଚିକିତ୍ସକ ଡା ଆର୍‌.କେ ସାମନ୍ତରାୟ, ବନରକ୍ଷୀ ପ୍ରଦୀପ ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଘରୋଇ ସ୍ୱାସ୍ଥ୍ୟ ସହାୟତା ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ

ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପି ଆନୁକୂଲ୍ୟରେ ଜଲଦାସ୍ଥିତ ମା' ସମଲେଶ୍ୱରୀ ଶିକ୍ଷା ଏବଂ କଲ୍ୟାଣ ଟ୍ରଷ୍ଟ ପ୍ରତିଷ୍ଠାନରେ ଏକ ଘରୋଇ ସ୍ୱାସ୍ଥ୍ୟ ସହାୟତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲିଏଟିଭ କେୟାରରେ ପାର୍ଶ୍ୱାଞ୍ଚଳ ବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ କାର୍ଯ୍ୟକ୍ରମ ମା' ସମଲେଶ୍ୱରୀ ଓ କଲ୍ୟାଣ ଟ୍ରଷ୍ଟ ସହଭାଗୀତାରେ ଆୟୋଜିତ ହୋଇଥିଲା। ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ପି.କେ ସ୍ୱାଇଁ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହିତ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ୍ ମିତ୍ର, ମା ସମଲେଶ୍ୱରୀ ଶିକ୍ଷା ଏବଂ କଲ୍ୟାଣ ଟ୍ରଷ୍ଟର ଟ୍ରେନିଙ୍ଗ ମ୍ୟାନେଜର ସ୍ୱର୍ଣ୍ଣଲତା ମାଝୀ, ସିଏସ୍‌ଆର ବିଭାଗ ଓ ସହଯୋଗୀ ଏଜେନ୍ସି ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ପାର୍ଶ୍ୱାଞ୍ଚଳର ମୋଟ ୧୫ଜଣ ବଞ୍ଚିତ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ କାର୍ଯ୍ୟକ୍ରମରେ ତାଲିମ ମିଳିଥିଲା। ଏ ନେଇ ସ୍ୱାଇଁ ଉଭୟ ଗୁରୁତ୍ୱର ରୋଗୀଙ୍କ ସମସ୍ୟା ଅଥବା ଅତ୍ୟନ୍ତ ଦୁର୍ବଳ ରୋଗୀ ଓ ତାଙ୍କ ପରିବାରର ଜୀବନ ଧାରଣ ମାନରେ ଉନ୍ନତି ଆଣିବାରେ ପାଲିଏଟିଭ କେୟାରର ଗୁରୁତ୍ୱ ଏବଂ ପରିସର ବିଷୟରେ ଆଲୋକପାତ କରିଥିଲେ। ପାଲିଏଟିଭ କେୟାରର ସଫଳ ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ତାଲିମ କାର୍ଯ୍ୟକ୍ରମର ସର୍ବୋତ୍ତମ ଉପଯୋଗ କରିବାକୁ ସେ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ନିରନ୍ତର ଆୟ ସୃଷ୍ଟି ପାଇଁ ଗରିବ ଏବଂ ବଂଚିତ ଲୋକଙ୍କ ରୋଜଗାର କ୍ଷମତା ଓ ଜୀବିକାକୁ ଅଭିବୃଦ୍ଧି କରିବା ଥିଲା। ଆଗକୁ ୯୦ ଦିବସ ବ୍ୟାପି ୩୫୦ ଘଣ୍ଟିଆ ତାଲିମ କାର୍ଯ୍ୟକ୍ରମ ପାଇଁ ୪.୯୩ଲକ୍ଷ ଟଙ୍କା ବ୍ୟୟବରାଦ ହେବାକୁ ଯାଉଥିବା ବେଳେ ଏହା ଆଇଜିଏଚର ଅବସରପ୍ରାପ୍ତ ହେଡ ନର୍ସ ସିଷ୍ଟର ଜୁଲିଥା କିସପୋଟା ପ୍ରଦାନ କରିବେ।



ଶିବିରରେ ଅତିଥିଙ୍କ ସହିତ ଅଂଶଗ୍ରହଣକାରୀ ।

# ଭାରତୀୟ ବୈଦିକ ଶାସ୍ତ୍ର ବିଶ୍ୱକୁ କରେ ଆଲୋକିତ

ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସ ସ୍ଥିତ ଗୁରୁକୁଳ ଆଶ୍ରମରେ ସବିତା ରାୟ ମେମୋରିଆଲ ତରଫରୁ ଆଦର୍ଶ ଶିକ୍ଷୟିତ୍ରୀ ସ୍ୱର୍ଗତା ସବିତା ରାୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ନେଇ ବେଦାନ୍ତ ଜ୍ଞାନ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଦବ୍ୟାସ ପୀଠ ବିକାଶ ମଞ୍ଚର ଆବାହକ ବଦ୍ରୀ ନାରାୟଣ ପାଢ଼ୀ ଯୋଗ ଦେଇ ନିଜ ବକ୍ତବ୍ୟ ମାଧ୍ୟମରେ ପବିତ୍ର ବେଦବ୍ୟାସ ପୀଠ ତଥା ମହର୍ଷି ବେଦବ୍ୟାସଙ୍କ ଉପରେ ସ୍ୱଳ୍ପ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଯୋଗଦାନ ଦେଇ ୪ବେଦ ଯଥା ଋଗବେଦ, ସାମବେଦ, ଅଥର୍ବବେଦ ଓ ଯର୍ଜୁବେଦ ଉପରେ ବିଭିନ୍ନ ଉଦାହରଣ ରଖି ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଏଥି ସହିତ ନିଜ ବକ୍ତବ୍ୟରେ ବେଦରେ ଥିବା ଜୀବନ ଦର୍ଶନ ପାଇଁ ଭାରତବର୍ଷ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ସମଗ୍ର ବିଶ୍ୱକୁ ଆଲୋକିତ କରୁଛି ବୋଲି ପଣ୍ଡା କହିଥିଲେ। ପ୍ରାରମ୍ଭରେ ଆବାହକ ଶ୍ୟାମ ସୁନ୍ଦର ଜେନା ସ୍ୱାଗତ ଅଭିଭାଷଣ ଦେବା ସହିତ ମେମୋରିଆଲ ଆଭିମୁଖ୍ୟ ନେଇ ଆଲୋକପାତ କରିଥିଲେ। ତ୍ରିବେଣୀ ୱେଲଫେୟାର ଟ୍ରଷ୍ଟ ସଭାପତି ହୃଷିକେଶ ବଳିଆର ସିଂହ ସବିତାରାୟ ମେମୋରିଆଲ ଭୂୟସୀ ପ୍ରଶଂସା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭୂତି ଭୂଷଣ ଦାସ ମଞ୍ଚ ପରିଚାଳନା କରିଥିଲେ। ମଧୁସୂଦନ ସାହୁ, ଡ. ବ୍ରହ୍ମାନନ୍ଦ ନାୟକ, ସବିତା ରାୟ ମେମୋରିଆଲର ଆବାହକ ଶ୍ୟାମସୁନ୍ଦର ଜେନା, ଲକ୍ଷ୍ମୀଧର ରାଉତ, ପ୍ରତାପ କରଣ, ପ୍ରସନ୍ନ କୁମାର ପାଢ଼ୀ, ପି. ଚଲାପତି ରାଓ, ପ୍ରଦୀପ କୁମାର ପାତ୍ର, କିଶୋର ଓଝା, ରଣଜିତ୍ ମଣ୍ଡଳ, ଆଲୋକ ମଣ୍ଡଳ, ଜ୍ଞାନେନ୍ଦ୍ର ବେହେରା, ଟିକେଶ୍ୱର ପ୍ରଧାନ, ସୁବରୁଆ, ସର୍ବଜିତ ଜେନା ଉପସ୍ଥିତ ଥିଲେ। ଗୀତାଞ୍ଜଳି ସାହୁ, ଶାନ୍ତିଲତା ବଳିଆର ସିଂହ, ମେଘମାଳା ଦାସ, ରଜତ ସ୍ୱାଇଁ, ଲକ୍ଷ୍ମୀଧର ପାଣି, ରଘୁନାଥ ଜେନା, ଦେବଜାନୀ ଜେନା, ରଶ୍ମିତା କରଣ, ଦିବାକର ନନ୍ଦ, ସୁଶାନ୍ତ କୁମାର ରାୟ, ନମିତା ନାୟକ, ସରୋଜିନୀ ନାୟକ, ସୁବାସ ଚନ୍ଦ୍ର ନାୟକ, ପ୍ରଭାସ କୁମାର ଜେନା, ବିଶ୍ୱରଞ୍ଜନ ପଟ୍ଟନାୟକ, କେଦାରନାଥ ପାଢ଼ୀ, ନରେନ୍ଦ୍ର ନାଥ ଦାଶ, ଅର୍ଜୁନ ସାହୁ, ସୁକାନ୍ତ କୁମାର ରାଉତରାୟ ଏବଂ ଲୀନା ସ୍ୱାଇଁ ଏବଂ ପି ଲୀଳା ଭେନି ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ସମ୍ମିଳିତ ଅତିଥି।

